୬ ଲର୍ଡ୍ସ ଟେଷ୍ଟ : ଭାରତ ୩୮୭ ରନରେ ଅଲଆଉଟ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୬୫ ● ୧୩ ଜୁଲାଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-165 ●13th July 2025, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା





**ନୂଆଦିଲ୍ଲୀ, ୧୨।୭**

ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୃଥକ ଭାବେ ସାକ୍ଷାତ କରି ଓଡ଼ିଶାର ସ୍ୱାର୍ଥ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଟୁଇଟର ମାଧ୍ୟମରେ ଲେଖିଛନ୍ତି ଶନିବାର ରାଷ୍ଟ୍ରପତି ଭବନରେ ଆମ ଓଡ଼ିଶା ମାଟିର ଗୌରବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି । ଏହି ଅବସରରେ ଓଡ଼ିଶାର ବିକାଶ ଯାତ୍ରା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ରୋଡ଼ମ୍ୟାପ ଓ କେନ୍ଦ୍ର ରାଜ୍ୟ ସୁସମନ୍ୱୟରେ ଓଡ଼ିଶାର ବିକାଶକୁ କେମିତି ଆହୁରି ତ୍ୱରାନ୍ୱିତ କରିହେବ ଇତ୍ୟାଦି ବିଷୟରେ ଆଲୋଚନା କରିବା ସହିତ ମହାମହିମ ରାଷ୍ଟ୍ରପତିଙ୍କୁ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ପ୍ରଦାନ କଲି।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କଲି। ଓଡ଼ିଶାର ବିକାଶ ପାଇଁ ତାଙ୍କର ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ କୃତଜ୍ଞ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା, କେନ୍ଦ୍ର ରାଜ୍ୟ ସୁସମନ୍ୱୟ ତଥା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆଦିଲ୍ଲୀ ଠାରେ ବିଜେପିର ରାଷ୍ଟ୍ରୀୟ ମହାସଚିବ ତରୁଣ ଚୁଗ୍‌ଙ୍କୁ ସାକ୍ଷାତ କରିଛନ୍ତି। *(ପୃଷ୍ଠା ୭ରେ)*

# ରୋଜଗାର ମେଳାରେ ୫୧ ହଜାରରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧୨।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନ ଏକ ରୋଜଗାର ମେଳା ଅବସରରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନିଯୁକ୍ତି ପାଇଥିବା ୫୧ ହଜାରରୁ ଅଧିକ ଯୁବକ/ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏଥର ୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଆୟୋଜିତ ହୋଇଥିଲା।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ୫୧ ହଜାରରୁ ଅଧିକ ଯୁବକ/ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏପର୍ଯ୍ୟନ୍ତ ଏଭଳି ରୋଜଗାର ମେଳା ମାଧ୍ୟମରେ ଲକ୍ଷ-ଲକ୍ଷ ଯୁବକ/ଯୁବତୀଙ୍କୁ ଭାରତ ସରକାରରେ ସ୍ଥାୟୀ ଚାକିରି ମିଳିଛି। ଏହି ଯୁବକ/ଯୁବତୀମାନେ ବର୍ତ୍ତମାନ ରାଷ୍ଟ୍ର ନିର୍ମାଣରେ ବଡ଼ ଭୂମିକା ନିଭାଉଛନ୍ତି।"

ସେ ଏହା ମଧ୍ୟ କହିଛନ୍ତି ଯେ, "ଯୁବକ/ଯୁବତୀମାନଙ୍କ ନିଯୁକ୍ତି ପତ୍ର ପ୍ରଦାନ ଅଭିଯାନ ଲଗାତାର ଜାରି ରହିଛି।

ପ୍ରଧାନମନ୍ତ୍ରୀ ନିକଟରେ ପାଞ୍ଚଟି ଦେଶକୁ ତାଙ୍କ ଗସ୍ତ କଥା ଉଠାଇ କହିଛନ୍ତି ଯେ, ଆମେ ଅନ୍ୟ ଦେଶମାନଙ୍କ ସହିତ ଯେଉଁ ବୁଝାମଣା କରିଛୁ, ସେଗୁଡିକରୁ ନିଶ୍ଚିତ ଭାବେ ଆମ ଯୁବକ/ଯୁବତୀମାନେ ଲାଭାନ୍ୱିତ ହେବେ। ସେ କହିଛନ୍ତି ଯେ, ଆଜି ସାରା ବିଶ୍ୱ ଏହାକୁ ସ୍ୱୀକାର କରୁଛି ଯେ ଭାରତ ପାଖରେ ଦୁଇଟି ଅସୀମ ଶକ୍ତି ଅଛି । ଗୋଟିଏ ଡେମୋଗ୍ରାଫି ଓ ଦ୍ୱିତୀୟ ଡେମୋକ୍ରେସି । ଅର୍ଥାତ୍ ସବୁଠୁ ବଡ଼ ଯୁବ ଜନସଂଖ୍ୟା ଓ ସବୁଠୁ ବଡ଼

## ୨୦୪ ଜଣଙ୍କୁ ନିଯୁକ୍ତି ପତ୍ର ବିତରଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



**ଭୁବନେଶ୍ୱର, ୧୨।୭**
**ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରର ବିକାଶରେ ଯୁବପିଢ଼ିଙ୍କ ସର୍ବାଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଆମ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ଶନିବାର ଭୁବନେଶ୍ୱର ଠାରେ '୧୬ତମ ରାଷ୍ଟ୍ରୀୟ ରୋଜଗାର ମେଳା'କୁ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ଶ୍ରୀ ପ୍ରଧାନ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୨୦୪ ଜଣ ନବ ନିଯୁକ୍ତ ଯୁବକ ଯୁବତୀଙ୍କୁ *(ପୃଷ୍ଠା ୭ରେ)*

## ବଜ୍ରପାତରେ ୩ ମୃତ

**ନୀଳଗିରି, ୧୨।୭**
**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ବରହମପୁର ଥାନା ରାଇପାଳ ଅଞ୍ଚଳରେ ଏକ ଅଘଟଣ ଘଟିଛି। କେନାଲ କାମ ଚାଲିଥିବା ବେଳେ ଶନିବାର ଅପରାହ୍ଣରେ ବଜ୍ରପାତ ଘଟି ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ବେଳେ ଅନ୍ୟ ଜଣେ ଜେସିବି ଅପରେଟର ବୋଲି ଜଣାପଡିଛି।

ମୃତକ ହେଲେ ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଢେଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧୀନ ନଳବାହାର ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିରା(୨୮)।

## ବିଷାକ୍ତ ମଦ ନେଲା ୨ ଜୀବନ

**ଢେଙ୍କାନାଳ, ୧୨।୭**
**ନ୍ୟୁଜ୍ ବ୍ୟୁରୋ**

ଢେଙ୍କାନାଳରେ ମଦ ମୃତ୍ୟୁ ଅଭିଯୋଗ ହୋଇଛି । ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ଗ୍ରାମରେ ବିଷାକ୍ତ ଦେଶୀ ମଦ ପିଇ ଶନିବାର ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ କଟକରେ ଭର୍ତ୍ତି କରାଯାଇଛି । ମୃତକ ଦୁଇ ଜଣ ହେଲେ ବମ୍ପା ଗ୍ରାମର ମନ୍ମଥ ସାମଲ ଓ ପ୍ରଫୁଲ୍ଲ ସମାଲ । ଗୁରୁତରମାନେ ହେଲେ ସୁଶାନ୍ତ ମାଝୀ, ରାହସ ମାଝୀ । ଶୁକ୍ରବାର ଅପରାହ୍ଣରେ ସେମାନେ ଦେଶୀ ମଦ ପିଇ ଥିଲେ । ତେବେ ପିଇବା ପରେ ଛାତି ଯନ୍ତ୍ରଣାରେ *(ପୃଷ୍ଠା ୭ରେ)*

## ଓଡ଼ିଶା ଫେରିଲେ ନବୀନ

# ଦେଖିବାକୁ ଭଲ ପାଉଥିବା ଜନତାଙ୍କ ଭିଡ

**ଭୁବନେଶ୍ୱର, ୧୨।୭**
**ନ୍ୟୁଜ୍ ବ୍ୟୁରୋ**

ସୁସ୍ଥ ହୋଇ ଓଡ଼ିଶା ଫେରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ଶନିବାର ଅପରାହ୍ଣରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଦଳ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିମାନ ବନ୍ଦର ଠାରୁ ନବୀନ ନିବାସ ପର୍ଯ୍ୟନ୍ତ ଏକ ବିରାଟ ପଟୁଆରରେ ଶ୍ରୀ ପଟ୍ଟନାୟକଙ୍କୁ ଦଳୀୟ ନେତା ଓ କର୍ମୀମାନେ *(ପୃଷ୍ଠା ୭ରେ)*



# ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୨।୭ : ନ୍ୟୁଜ୍ ବ୍ୟୁରୋ**

ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଆସନ୍ତା ୧୪ ତାରିଖ ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ମରଣୀୟ ଉତ୍ସବରେ ରାଷ୍ଟ୍ରପତିଙ୍କ *(ପୃଷ୍ଠା ୭ରେ)*

## ନିୟୋଜିତ ହେବେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ

**ଭୁବନେଶ୍ୱର, ୧୨।୭ : ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ନେଇ କମିଶନରେଟ୍ ପୋଲିସର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହେବେ ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସୁରକ୍ଷା ବ୍ୟବସ୍ଥାରେ ୮ ଜଣ ଡିସିପି ର୍ୟାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି , ୩୧ ଜଣ ଏସିପି ର୍ୟାଙ୍କ ଅଫିସର, ୪୪ ଇନ୍ସପେକ୍ଟର ଏବଂ *(ପୃଷ୍ଠା ୭ରେ)*

## କେନ୍ଦ୍ରମନ୍ତ୍ରୀଙ୍କୁ ହତ୍ୟା ଧମକ

**ପାଟନା, ୧୨।୭**

କେନ୍ଦ୍ରମନ୍ତ୍ରୀ ଏବଂ ଲେଜପା (ରା) ରାଷ୍ଟ୍ରୀୟ ଅଧ୍ୟକ୍ଷ ଚିରାଗ ପାଶୱାନଙ୍କୁ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ୨୦ ଜୁଲାଇ ସୁଦ୍ଧା ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ଜମୁଇ ସାଂସଦ ଏବଂ ଚିରାଗ ପାଶୱାନଙ୍କ ଶାଳକ ଏକ୍ସ-ପୋଷ୍ଟରେ ଏଥିପାଇଁ ରାଜଦ ଉପରେ ଅଭିଯୋଗ କରିଛନ୍ତି। ପାଟନାର ସାଇବର ପୋଲିସ ଷ୍ଟେସନରେ ଲେଜପା (ରା) ମୁଖ୍ୟ ମୁଖପାତ୍ର ରାଜେଶ ଭଟ୍ଟ ଏହି ସମ୍ପର୍କରେ ଏକ ଏଫଆଇଆର ଦାଖଲ କରିଛନ୍ତି। ଚିରାଗଙ୍କୁ ଧମକ ମିଳିବା ପରେ ଦଳରେ ଉତ୍ତେଜନା ପ୍ରକାଶ ପାଇଛି। ଭଟ୍ଟ କହିଛନ୍ତି ଯେ ୟୁଟ୍ୟୁବର ଦକ୍ଷପ୍ରିୟାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟର ମନ୍ତବ୍ୟ ବିଭାଗରେ, ଟାଇଗର ମେରାଜ ଇଦିସୀ ଚିରାଗ ପାଶୱାନଙ୍କୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଛନ୍ତି। ସେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ପୋଲିସକୁ ଦାବି କରିଛନ୍ତି।

## ଏଫ୍‌ଏମ୍ ଅଟୋନୋମସ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ : ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି

# ପ୍ରିନ୍ସିପାଲ ସସପେଣ୍ଡ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୨।୭**
**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱରସ୍ଥିତ ଫକୀର ମୋହନ ଅଟୋନୋମସ୍ କଲେଜ୍‌ର ଜଣେ ଛାତ୍ରୀ, ଜଣେ ବରିଷ୍ଠ ଅଧ୍ୟାପକଙ୍କ ଦ୍ୱାରା ଦୀର୍ଘଦିନ ଧରି ଦୁର୍ବ୍ୟବହାର ଓ ଏଥି ପ୍ରତି ସଂସ୍ଥାଗତ ଅବହେଳାରେ ଅତିଷ୍ଠ ହୋଇ ଶନିବାର କଲେଜ୍ ଗେଟ୍ ସାମ୍ନାରେ ଆତ୍ମଦାହ ଉଦ୍ୟମ କରିଛନ୍ତି । ଆତ୍ମଦାହ ପରେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀ ଏବଂ ସହପାଠୀମାନଙ୍କ ସୂଚନା ଅନୁସାରେ, ପୀଡ଼ିତା କଲେଜ୍ ବାହାରେ ବିରୋଧ ପ୍ରଦର୍ଶନ କରୁଥିବା ବେଳେ ନିଜ ଉପରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଇଥିଲେ। ସେ କଲେଜ୍‌ର ଶିକ୍ଷା ବିଭାଗର ମୁଖ୍ୟ ସମୀର ରଞ୍ଜନ ସାହୁଙ୍କ ଦ୍ୱାରା ମାନସିକ ନିର୍ଯାତନା ନେଇ ଅତିଷ୍ଠ ହୋଇ ପଡିଥିଲେ । *(ପୃଷ୍ଠା ୭ରେ)*





## ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଦୁର୍ଭାଗ୍ୟଜନକ : ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୨।୭ : ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜନୈକା ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଏକ୍ସରେ ମନ୍ତ୍ରୀ ଲେଖିଛନ୍ତି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସରକାର *(ପୃଷ୍ଠା ୭ରେ)*



ପ୍ରଣମ୍ୟ ପୁରୁଷ 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା କର୍ମବୀର ଗୌରୀଶଙ୍କରଙ୍କ ୧୮୭ତମ ଜନ୍ମ ଜୟନ୍ତୀ (୧୮୩୮ ଜୁଲାଇ ୧୩ ତାରିଖ) ଉପଲକ୍ଷେ 'ସମ୍ବାଦ କଳିକା' ପରିବାର ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରୁଛୁ।
'ସମ୍ବାଦ କଳିକା' ପରିବାର

## ଏକାଳ ପଖାଳ



ଅଧ୍ୟକ୍ଷଙ୍କ ଅଧୋଗତି ଆଉ
ଅଧ୍ୟାପକ ହେଲ ଲମ୍ପଟ
ବିଦ୍ୟାର୍ଥୀଙ୍କ ସହ ଏମିତି କଲେ ଯେ,
ରଖିଥିଲେ କୂଟକପଟ
ଅସଦାଚରଣର ହେଲା ବିସ୍ଫୋଟ
ନିଆଁ ଲାଗିଯିବା ପରେ ଦେହେ ଏବେ
କୁଆଡେ ମାରିବ ଚମ୍ପଟ... ?

# ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ରିପୋର୍ଟ ଜାରି କଲା ଏଏଆଇବି



**ନୂଆଦିଲ୍ଲୀ, ୧୨।୭**

ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଅହମ୍ମଦାବାଦରେ ଘଟିଥିବା ଏୟାର୍ ଇଣ୍ଡିଆ (ଏଆଇ ୧୭୧) ଦୁର୍ଘଟଣା ସମ୍ପର୍କିତ ତାର ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ କରିଛି। ଏୟାର୍ ଇଣ୍ଡିଆ ୧୫ ପୃଷ୍ଠା ବିଶିଷ୍ଟ ଏହି ପ୍ରାରମ୍ଭିକ ରିପୋର୍ଟ ମିଳିଥିବାର ସୂଚନା ଦେଇଛି। ଏୟାର୍ ଇଣ୍ଡିଆ ତାର ଏକ୍ସ ହ୍ୟାଣ୍ଡେଲରେ କହିଛି ଯେ, "ଏୟାର୍ ଇଣ୍ଡିଆ (ଏଆଇ ୧୭୧) ଦୁର୍ଘଟଣାରେ ପ୍ରଭାବିତ ପରିବାରଗୁଡ଼ିକ ଓ ଅନ୍ୟ ଲୋକମାନଙ୍କ ସହିତ ଆମେ ଏକଜୁଟ ହୋଇ ରହିଛୁ । ଆମେ ଏହି କ୍ଷତିକୁ ନେଇ ଗଭୀର ଶୋକ ପ୍ରକାଶ କରୁଛୁ ଓ ଏହି କଠିନ ସମୟରେ ସମ୍ପୂର୍ଣ୍ଣ ଭାବେ ସହାୟତା ପ୍ରଦାନ କରିବାକୁ ପ୍ରତିବଦ୍ଧ।"

ବିମାନ କମ୍ପାନୀ କହିଛି, "ଜୁଲାଇ ୧୨ରେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଦ୍ୱାରା ପ୍ରକାଶିତ ପ୍ରାରମ୍ଭିକ ରିପୋର୍ଟ ଆମକୁ ମିଳିଛି। ଏୟାର୍ ଇଣ୍ଡିଆ ନିୟାମକ ସହିତ ହିତଧାରକମାନଙ୍କ ସହିତ ମିଶିକରି କାମ କରୁଛି । ଆମେ ଏଏଆଇବି ଓ ଅନ୍ୟ ପ୍ରାଧିକାରୀମାନଙ୍କ ସହିତ ତାଙ୍କର ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବୁ। ତଦନ୍ତର ସକ୍ରିୟ ସ୍ୱଭାବକୁ ଦୃଷ୍ଟିରେ ରଖି, ଆମେ ଏବେ କୌଣସି ନିର୍ଦ୍ଦିଷ୍ଟ ବିବରଣୀ ଉପରେ ମନ୍ତବ୍ୟ କରିପାରୁନାହିଁ। *(ପୃଷ୍ଠା ୭ରେ)*

## ଆନ୍ଦୋଳନରୁ ଓହରିଲା ଓଡ଼ିଶା ଡ୍ରାଇଭର ମହାସଂଘ

**ଭୁବନେଶ୍ୱର, ୧୨।୭**
**ନ୍ୟୁଜ୍ ବ୍ୟୁରୋ**

୫ ଦିନ ପରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା ଡ୍ରାଇଭର ମହାସଂଘ। ଶନିବାର ରାତିରେ ଗଣମାଧ୍ୟମକୁ ଏ ନେଇ ସୂଚନା ଦେଇଛନ୍ତି ମହାସଂଘର ସହ ସମ୍ପାଦକ ମାନସ ଦେବତା। ବିଭିନ୍ନ ଦାବି ନେଇ ଡ୍ରାଇଭର ମହାସଂଘ ଗତ ୮ ତାରିଖରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଡ୍ରାଇଭରମାନେ ଗାଡ଼ି ଚଳାଚଳ ବନ୍ଦ କରିବା ସହିତ ଧର୍ମଘଟରେ ବସିଥିଲେ।

ଶନିବାର ଏହି ଆନ୍ଦୋଳନ ୫ମ ଦିନରେ ପହଞ୍ଚିଥିଲା। ତେବେ ସଂଘ ଭିତରେ ଫାଟ ସୃଷ୍ଟି ହେବାରୁ କିଛି ଡ୍ରାଇଭର ବସ ଚଳାଚଳ ଆରମ୍ଭ କରିଥିଲେ। ଏପରି କି ସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କିଛି ଚାଳକଙ୍କୁ ସଂଘରୁ ବାହାର କରିଦେବାକୁ ଧମକ ମଧ୍ୟ ଦେଇଥିଲେ।

ଚାରି ଦିନିଆ ଧର୍ମଘଟ ପରେ, ସାରା ଓଡ଼ିଶାରେ ଘରୋଇ ବସ ଚଳାଚଳ ଆରମ୍ଭ ହୋଇଛି । ବସ ଚଳାଚଳ ଯାତ୍ରୀଙ୍କୁ ଆଶ୍ୱସ୍ତି ଦେଇଛି । ରାଜଧାନୀ ଭୁବନେଶ୍ୱରର ବରମୁଣ୍ଡା ବସଷ୍ଟାଣ୍ଡରୁ ବସ ବିଭିନ୍ନ ସ୍ଥାନକୁ ଗଡ଼ିଛି। ରିପୋର୍ଟ ଅନୁସାରେ, ବସ୍‌ଗୁଡ଼ିକ ଏବେ ଭୁବନେଶ୍ୱର, *(ପୃଷ୍ଠା ୭ରେ)*





# ଚିନ୍ତାରେ ଗରିଆ ଗ୍ରାମବାସୀ: ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀକୁ ରାସ୍ତା ନାହିଁ



**ବାଲିପାଟଣା, ନ୍ୟୁଜ ବ୍ୟୁରୋ**

ଧନୁଆ ନଈରେ ବନ୍ୟା ପାଣି ପ୍ରବାହିତ ହେଲେ ବାଲିପାଟଣା ବ୍ଲକ୍‌ର ଗରିଆ ଗାଁ ଜଳାର୍ଣ୍ଣବ ହୁଏ। ଗ୍ରାମର ଚାରିପଟେ ୧୦ ଫୁଟରୁ ଅଧିକ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇଥାଏ। ପ୍ରଶାସନକୁ ଏହି ଗ୍ରାମକୁ ଯିବାକୁ ହେଲେ ବୋଟ୍ କିମ୍ବା ଡ଼ଙ୍ଗା ବ୍ୟବହାର କରିଥାନ୍ତି। ଗ୍ରାମବାସୀଙ୍କ ବହୁ ନିବେଦନ ପରେ ଗରିଆ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ହେଲେ ପରିତାପର ବିଷୟ, ଏହା ମଧ୍ୟରେ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀକୁ ଯିବାପାଇଁ ଢଳେଇ ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଏପରିକି ବନ୍ୟା ଆସିଲେ ଆଶ୍ରୟସ୍ଥଳୀକୁ ଯିବାକୁ ମଧ୍ୟ ଲୋକଙ୍କୁ ଡ଼ଙ୍ଗା ଆବଶ୍ୟକ ପଡ଼େ। ଅନ୍ୟପକ୍ଷରେ ଗରିଆ ପ୍ରାଥମିକ ବିଦ୍ୟାଳୟ ଚାରିପଟେ ପାଚେରି ନିର୍ମାଣ ହୋଇ ନଥିବାରୁ ବର୍ଷା ଦିନେ କିମ୍ବା ଗ୍ରାମକୁ ବନ୍ୟାଜଳ ପ୍ରବେଶ କଲେ ଅନେକ ସରୀସୃପ ଶ୍ରେଣୀଗୃହରେ ପଶିଯିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ପାଚେରି ନଥିବାରୁ ବିଦ୍ୟାଳୟ ପରିସରରେ ଯେଉଁ ଗଛ ଲାଗେ ତାକୁ ବୁଲା ଗାଈ, ଷଣ୍ଢ, ଛେଳି, ମେଣ୍ଢା ଖାଇ ନଷ୍ଟ କରନ୍ତି। ତୁରନ୍ତ ଏହି ବିଦ୍ୟାଳୟ ଚାରିପଟେ ପାଚେରି ନିର୍ମାଣ କରିବା ସହିତ ବନ୍ୟା ଆଶ୍ରୟସ୍ଥଳୀକୁ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି। ନଚେତ୍ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ରାଜସ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ଦାସ କହିଛନ୍ତି, ବାତ୍ୟା ଆଶ୍ରୟସ୍ଥଳକୁ ରାସ୍ତାର ଆବଶ୍ୟକତା ଅଛି। ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ଏହା ଉପରେ ଆଲୋଚନା କରିଛନ୍ତି। ଆଗାମୀ ବର୍ଷ ମନରେଗା ଯୋଜନାରେ ମାଟି କାମ ପାଇଁ ପ୍ରସ୍ତାବ ଦିଆଯିବ। ସ୍କୁଲ ପାଚରି କାମ ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ପଞ୍ଚାୟତ ତରଫରୁ ବ୍ୟୟବରାଦ ହୋଇ ପାରୁନାହିଁ। ବ୍ଲକ୍ ପ୍ରଶାସନ ତରଫରୁ ଅନୁଦାନ ମିଳିଲେ ପଚେରି ନିର୍ମାଣ ହୋଇପାରିବ।

# ଭାରତର ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ ହେଲା ଏମ୍ସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି।




ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇଣ୍ଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସମେଣ୍ଟ ଆଦି ଭଳି ପାଞ୍ଚଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି । ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱରର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।'

୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୫ ରେ ଏହି ସୂଚୀରେ ୧୨ତମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧିକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂହ, ଡ. ଗୌରବ ଛାବ୍ରା, ଡ. ପଙ୍କଜ କୁମାର, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ ଏବଂ ଡ. ମାଙ୍ଗାନି ମଙ୍ଗଳାବଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ।

# ଆସିଲା ଶ୍ରାବଣ ସୋମବାର, ଜମିଲା ବୋଲବମ୍ ସାମଗ୍ରୀର ବେପାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆରମ୍ଭ ହେବ ଶ୍ରାବଣ ମାସ । ଆସନ୍ତା ୧୧ତାରିଖରେ ଶ୍ରାବଣର ପ୍ରଥମ ସୋମବାରରେ ଜଳ ଲାଗି କରିବେ ଭକ୍ତ। ଶୈବ ପୀଠରେ ଶୈବ ବୋଲବମ୍‌ଙ୍କ ଭକ୍ତ ଭିଡ଼ ଲାଗିବ । ମାନସିକଧାରୀଙ୍କ ମନସ୍କାମନା ପୂରଣ ହେବ । ଶ୍ରାବଣ ମହାଦେବଙ୍କ ପ୍ରିୟ ମାସ। ଶୈବଭକ୍ତ ବି ଏହିମାସକୁ ଅପେକ୍ଷା କରିଥାନ୍ତି। ମହାଦେବଙ୍କ ପାଖରେ ଜଳ ଲାଗି କରିବାକୁ ହେଲେ ଏହି ମାସତମାମ କାଷ୍ଠା ଉପବାସରେ ରହିବାକୁ ପଡ଼ିଥାଏ ବୋଲି କହିଛନ୍ତି ଜାଗମରା ଜଗନ୍ନାଥ ମନ୍ଦିରର ପଣ୍ଡିତ ବିଭୂତି ରଞ୍ଜନ ତ୍ରିପାଠୀ । ଜୁଲାଇ୧୧ରୁ ଆରମ୍ଭ ହୋଇ ୪ ପାଳି ସୋମବାର ପାଣି ଢ଼ଳା ଯିବ । କିଏ ପୁରୀ ଲୋକନାଥଙ୍କ ପାଖକୁ ଯିବେ ତ ଆଉ କିଏ ଶ୍ରୀଲିଙ୍ଗରାଜ ମନ୍ଦିରକୁ



ଆସିବେ ଜଳ ଲାଗି କରିବାକୁ । ବୋଲବମ୍ ବେଳେ ଭକ୍ତ ମାନଙ୍କ ପୋଷାକ, ବାହୁଙ୍ଗା, ଡାଳ, ଫୁଲ, ବାହୁଙ୍ଗାରେ ଲାଗୁଥିବା ପ୍ଲାଷ୍ଟିକ ଶିବ, ସାପ, ଲିଙ୍ଗ ପରି ଅନେକ ଜିନିଷର ପସରା ବଜାରରେ ମେଳିଲାଣି । ଏଥିପାଇଁ ଏକ ନମ୍ବର ହାଟରେ ବୋଲବମ୍ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବଜାର ଖୋଲିଗଲାଣି । ଦୋକାନୀ ମାନସ କୁହନ୍ତି, ବୋଲବମ୍ ସାମଗ୍ରୀର ଦାମ୍ ପୂର୍ବ ବର୍ଷଠାରୁ ୫ରୁ ୧୦ ଟଙ୍କା ବୃଦ୍ଧି ପାଇଛି । ବାଉଁଶ ବାହୁଙ୍ଗା ଗୁଡ଼ିକ ୪୦ଟଙ୍କାରୁ ଆରମ୍ଭ । ମୋଟାଇ ହିସାବରେ ଦାମ୍ ଅଲଗା ଅଲଗା ରହିଛି । ଖାଲି ବେତ ବାହୁଙ୍ଗା ୬୫୦ଟଙ୍କାରୁ ଆରମ୍ଭ, ୬ପ୍ରକାରର ମାଳି( ତୁଳସୀ, କାଠି, ରୁଦ୍ରାକ୍ଷ, ମୋତି ପରି ମାଳି) ଦାମ୍ ୩୦ଟଙ୍କାରୁ ଆରମ୍ଭ ହୋଇ ୮୦ଟଙ୍କା ଯାଏ ବିକ୍ରି ହେଉଛି । କପଡ଼ା ୨୦ଟଙ୍କା(୫ଟା ଭେରାଇଟି ବାଘଛାଲ, ହନୁମାନ ରଙ୍ଗ, ଗୋଲାପୀ, ଲାଲ ଆଦି ରଙ୍ଗରେ ଓଁ ଲେଖା ହୋଇଛି) । ଧୁପଦାନୀ, ସାପ ହଳ, ଲିଙ୍ଗ, ଶିବ ହଳ ଗୁଡ଼ିକ ୧୦ ଓ ୨୦ ଟଙ୍କା । ପ୍ଲାଷ୍ଟିକ ଗଡୁ ୩୫ଟଙ୍କା, ପିତଳ ଘଣ୍ଟି ହାର ୪୦ରୁ ୫୦ଟଙ୍କା ରହିଛି। ବାଉଁଶ ସଜାଇବା ହେଲେ ଏହାର ଦାମ୍ ଭିନ୍ନ ରହିବ ବୋଲି ମାନସ କହିଛନ୍ତି। ୧୫ ପ୍ରକାରର ଠାକୁର ଭୋଗ ୫୦ଟଙ୍କାରୁ ଆରମ୍ଭ। ଗଙ୍ଗାଜଳ, ଚୁଆ ତେଲ, ମହୁ, ହରିଡ଼ା, ବାହାଡ଼ା, ଚନ୍ଦନ, ସିନ୍ଦୁର, ପଞ୍ଚଶସ୍ୟ, ତମ୍ବାପାତ୍ର ବିକ୍ରି ହେଉଛି । ମଥାରେ ବାନ୍ଧିବାକୁ ଫିତା ୧୫ଟଙ୍କା, ପିତଳ ଢ଼ାଳ ୧୫୦ରୁ ୪୦୦ଟଙ୍କା, ପ୍ଲାଷ୍ଟିକ କଳସ ୨ଟାକୁ ୪୦ଟଙ୍କା, ଘଣ୍ଟି ୨୦ଟଙ୍କାରୁ ଆରମ୍ଭ, ଶିକା ୬୦ଟଙ୍କା, ଲେସ୍ ଓ ହାତ ଫିତା ଗୋଟିଏ ୧୫ଟଙ୍କା, ବୋଲବମ୍ ଯିବା ବେଳେ ମୋବାଇଲ ରଖିବା ବ୍ୟାଗ ୬୦ଟଙ୍କାରେ ବିକ୍ରି ହେଉଛି । ଏହି ସିଜିନ୍ ଦୋକାନ ଶ୍ରାବଣ ମାସ ଶେଷ ଯାଏ ଖୋଲା ରହିବ ।

# ୧୩ ପ୍ରତିଶତ ପିଲା ଅପରିପକ୍ୱ ଅବସ୍ଥାରେ ଜନ୍ମଗ୍ରହଣ କରୁଛନ୍ତି : ଭାରତର ସ୍ୱାସ୍ଥ୍ୟ ସର୍ଭେ

**ନୂଆଦିଲ୍ଲୀ:**

ଗର୍ଭାବସ୍ଥା ସମୟରେ ଅଧିକ ପ୍ରଦୂଷଣ ସଂସ୍ପର୍ଶରେ ରହିଲେ, କମ୍ ଓଜନର ଶିଶୁ ଜନ୍ମ ହେବାର ଆଶଙ୍କା ୪୦ ପ୍ରତିଶତ ବଢ଼ିପାରେ। ସେତିକି ନୁହେଁ, ଅପରିପକ୍ୱ ପ୍ରସବର ଆଶଙ୍କା ଆଶ୍ଚର୍ଯ୍ୟଜନକ ଭାବେ ୭୦ ପ୍ରତିଶତ ବଢ଼ିପାରେ । ଆଇଆଇଟି ଓ ଭାରତର ଅନ୍ୟ ଶୀର୍ଷ ପ୍ରତିଷ୍ଠାନ ସମେତ ବିଦେଶର ବିଶେଷଜ୍ଞଙ୍କ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଭାରତର ସ୍ୱାସ୍ଥ୍ୟ ସର୍ଭେ ୨୦୧୯-୨୧ ସ୍ପଷ୍ଟ କରିଛି, ୧୩ ପ୍ରତିଶତ ପିଲା ଅପରିପକ୍ୱ ଅବସ୍ଥାରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୭ ପ୍ରତିଶତ କମ୍ ଓଜନର ପିଲା ଜନ୍ମ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି । ଏଥିପାଇଁ ବାୟୁ ପ୍ରଦୂଷଣ ଦାୟୀ । ଜଳବାୟୁ ସ୍ଥିତି ଯଥା- ବୃଷ୍ଟିପାତ ଓ ତାପମାତ୍ରାର ମଧ୍ୟ ଏହା ସହ ସମ୍ପର୍କ ଥିବା ଜଣାପଡ଼ିଛି । ଗର୍ଭାବସ୍ଥା ସମୟରେ ବାୟୁ ପ୍ରଦୂଷଣର ପ୍ରଭାବକୁ ବିଶ୍ଳେଷଣ କରିବା ଲାଗି ଆଇଆଇଟି ଦିଲ୍ଲୀ, ମୁମ୍ବାଇର ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପପୁଲେସନ୍ ସାଇନସେସ୍ ଏବଂ ବ୍ରିଟେନ ଓ ଆୟରଲାଣ୍ଡର ପ୍ରତିଷ୍ଠାନଗୁଡ଼ିକ ନ୍ୟାସନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ୫ ଓ ରିମୋଟ୍ ସେନ୍ସିଂ ତଥ୍ୟ ଉପରେ ଆଲୋକପାତ କରିଥିଲେ । ଆଉ ଏକ ତଥ୍ୟ ଉତ୍ତର ଭାରତ ଉପରେ ଫୋକସ୍ କରିଛି, ଯେଉଁଠି ଦିଲ୍ଲୀ ଓ ଅନ୍ୟ ସହର ମୌସୁମୀ ପରବର୍ତ୍ତୀ ମାସ ଅଗଷ୍ଟ-ନଭେମ୍ବରରେ ବ୍ୟାପକ ପ୍ରଦୂଷଣ ବୃଦ୍ଧିର ସମ୍ମୁଖୀନ ହୋଇଛି । ବର୍ଷର ବାକି ଦିନମାନଙ୍କରେ ମଧ୍ୟ ପ୍ରଦୂଷଣରେ ଖାସ୍ ହ୍ରାସ ପରିଲକ୍ଷିତ ହୋଇନାହିଁ । ୨.୫ ମାଇକ୍ରନ୍ ବ୍ୟାସ ଅଧୀନସ୍ଥ ସୂକ୍ଷ୍ମ ପାର୍ଟିକୁଲେଟ୍ ମ୍ୟାଟର (ପିଏମ୍୨.୫)କୁ ଅନ୍ୟତମ ସବୁଠୁ କ୍ଷତିକାରକ ବାୟୁ ପ୍ରଦୂଷକ ଭାବେ ବିବେଚନା କରାଯାଏ । ଜୀବାଶ୍ମ ଇନ୍ଧନ ଓ ବାୟୋମାସ ଦହନ ଏହି ହାନିକାରକ ପ୍ରଦୂଷକର ଉତ୍ସ । ଗବେଷକମାନେ ଉତ୍ତରପ୍ରଦେଶ, ବିହାର, ଦିଲ୍ଲୀ, ପଞ୍ଜାବ ଓ ହରିୟାଣାରେ ପିଏମ୍୨.୫ର ଉଚ୍ଚ ସ୍ତର ଏବଂ ଦକ୍ଷିଣ ଓ ଉତ୍ତର-ପୂର୍ବରେ ନିମ୍ନତର ପ୍ରଦୂଷଣ ସ୍ତର ପାଇଛନ୍ତି । ଏହି ତଥ୍ୟ ସହିତ ହିମାଚଳପ୍ରଦେଶରେ ଅଧିକ ଅପରିପକ୍ୱ ଶିଶୁ (୩୯ ପ୍ରତିଶତ) ଜନ୍ମ ହୋଇଥିଲେ । ସେହିପରି ଉତ୍ତରାଖଣ୍ଡରେ ୨୭ ପ୍ରତିଶତ, ରାଜସ୍ଥାନରେ ୧୮ ପ୍ରତିଶତ ଏବଂ ଦିଲ୍ଲୀରେ ୧୭ ପ୍ରତିଶତ ଅପରିପକ୍ୱ ଶିଶୁ ଜନ୍ମ ହୋଇଥିଲେ । ପ୍ରଭାବୀ ଯୋଜନା ସହିତ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବାକୁ ଅଧ୍ୟୟନକର୍ତ୍ତା ଆହ୍ୱାନ ଦେଇଛନ୍ତି ।

# ଜାପାନରେ ଆସିବ ମହା ଭୂମିକମ୍ପ

## ୨ ଟ୍ରିଲିଅନ କ୍ଷତି ହେବାର ସମ୍ଭାବନା

**ନୂଆଦିଲ୍ଲୀ:**

ଜାପାନରେ ଆସିବ ମହା ଭୂମିକମ୍ପ । ପ୍ରକୃତିରେ ଏହି ତାଣ୍ଡବରେ ଚାଲିଯିବ ୩ ଲକ୍ଷ ଲୋକଙ୍କ ପ୍ରାଣ। ୨ ଟ୍ରିଲିଅନ କ୍ଷତି ହେବାର ସମ୍ଭାବନା। ପ୍ରଶାନ୍ତ ମହାସାଗର ଉପକୂଳରେ ସମ୍ଭାବ୍ୟ ଭୂକମ୍ପ ଆସିବା ନେଇ ଲମ୍ବା ସମୟ ଧରି ଆଶଙ୍କା କରାଯାଉଛି। ଜାପାନ ସରକାର ଜାରି କରିଥିବା ରିପୋର୍ଟରେ ଏଭଳି କିଛି କୁହାଯାଇଛି। ପ୍ରଶାନ୍ତ ମହାସାଗରରେ ଥିବା ନାନକାଇ ଘାଟିରେ ଥିବା ସବଡକ୍ସନ ଜୋନରୁ ଭୂମିକମ୍ପର ଏପି ସେଣ୍ଟର ହେବ । ଅର୍ଥାତ୍ ସମୁଦ୍ର ଭିତରେ ଥିବା ଦୁଇଟି ଟାକ୍ଟୋନିକ୍ ପ୍ଲେଟର ଡାଇଭରଜେଣ୍ଟ ଯୋଗୁ ନାନକାଇ ଘାଟି ସୃଷ୍ଟି ହୋଇଛି। ଏହି ସ୍ଥାନ ଦକ୍ଷିଣ ହୋଂଶୁ ଦ୍ୱୀପର ନନକାଇଡୋ ଅଞ୍ଚଳରେ ରହିଛି । ପୂର୍ବରୁ ଏହି ସ୍ଥାନରୁ ଭୂମିକମ୍ପ ମଧ୍ୟ ଅନୁଭୂତ ହୋଇଛି । ଏଠାରୁ ମହା ଭୂମିକମ୍ପ ଆସିଲେ, ଏହାଦ୍ୱାରା କୋଶୀ, ଓସାକା, ନାଗୋୟା ଭଳି ବଡ଼ ଅଞ୍ଚଳ ପ୍ରଭାବିତ ହେବ । ଭୂମିକମ୍ପ ପରେ ବିନାଶର କାରଣ ହେବ ବିଲ୍ଡିଂ ଭୁଶୁଡ଼ିବା ଏବଂ ସୁନାମୀ। ମେଗା ଭୂମିକମ୍ପ ଆସିଲେ ପ୍ରାୟ ୩ ଲକ୍ଷ ଲୋକ ଜୀବନ ହାନି ଘଟିବ ବୋଲି କୁହାଯାଇଛି । ଏହା ଜାପାନର ୧୦ ପ୍ରତିଶତ ଜନସଂଖ୍ୟା। ସେହିପରି ଭୂକମ୍ପ ଯୋଗୁ ୧.୨୩ ମିଲିୟନ ଲୋକ ଅନ୍ୟଦେଶରେ ଶରଣ ନେବା ପାଇଁ ବାଧ୍ୟ ହେବ। ଜାପାନ ସରକାର ଅନୁମାନ କରୁଛନ୍ତି, ନାନକାଇ ଘାଟିରେ ୮ରୁ ୯ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଆସିବାର ୭୫ ରୁ ୮୨ ପ୍ରତିଶତ ସମ୍ଭାବନା ରହିଛି। ପ୍ରତ୍ୟେକ ୧୦୦ରୁ ୧୫୦ ମଧ୍ୟରେ ଏହି ସବଡକ୍ସନ ଜୋନରୁ ମେଗା ଭୂମିକମ୍ପ ଆସିଥାଏ। ୨୦୧୧ରେ ନାନକାଇ ଘାଟିରେ ୯.୦ ତିବ୍ରତା ବିଶିଷ୍ଟ ଭୂମିକମ୍ପ ଆସିଥିଲା । ଏଥିରେ ପ୍ରାୟ ୧୫ ହାଜରଙ୍କ ଜୀବନ ଯାଇଥିଲା। ମେଗା ଭୂମିକମ୍ପ ଆସିଲେ ବହୁ ସଂଖ୍ୟାରେ ଲୋକ ପ୍ରାଣ ହରାଇବେ ବୋଲି କୁହାଯାଇଛି।

# ମାଟିରେ ମିଶିଗଲାଣି ବର୍ଷାଜଳ ଅମଳ ପ୍ରକଳ୍ପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେଉଁଠି ଫଳକର ଅସ୍ତିତ୍ୱ ନାହିଁ ତ କେଉଁଠି ଫଳକ ଅଛି ହେଲେ ପ୍ରକଳ୍ପ ନାହିଁ। ପୁଣି କେଉଁଠି ପ୍ରକଳ୍ପ ଥାଇ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। କରୋନା ସମୟରେ ବାହାର ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରବାସୀ ଶ୍ରମିକମାନଙ୍କ ଘରବାହୁଡ଼ା ଦୃଷ୍ଟିରେ ରଖି ରାଜ୍ୟ ସରକାର ସହରାଞ୍ଚଳରେ ବାସ କରୁଥିବା ଅସହାୟ ଶ୍ରମିକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା)ରେ କାମ ଯୋଗାଇ ଦେଇଥିଲେ। ଏହି ଯୋଜନାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନେଇ ସ୍ୱୟଂସହାୟକ ଗୋଷ୍ଠୀକୁ କାମ ଦିଆଯାଇଥିଲା। ଏସ୍‌ଏଚ୍‌ଜିକୁ ସାମ୍ନାରେ ରଖି ଠିକାଦାର ମୁକ୍ତା ଯୋଜନାରେ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ତିଆରି କଲେ। ଉପଯୁକ୍ତ ସ୍ଥାନ ନିରୂପଣ ଅଭାବରୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ପ୍ରକଳ୍ପ ମାଟିରେ ମିଶିଗଲାଣି। ବିଏମ୍‌ସିର ୬୩ ନମ୍ବର ୱାର୍ଡରେ ଧର୍ମବିହାର ସରସ୍ୱତୀ ଶିଶୁମନ୍ଦିର ନିକଟରେ ତିନି ବର୍ଷ ତଳେ ବୃଷ୍ଟିଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିପାଇଁ ୫ ଲକ୍ଷ ୭୪ ହଜାର ୭ଶହ ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଏବେ ତା'ର ଚିହ୍ନବର୍ଣ୍ଣ ନାହିଁ। ଖାଲି ନାମକୁ ମାତ୍ର ଫଳକ ଥିବା ବେଳେ ଉକ୍ତ ସ୍ଥାନରେ ଡ୍ରେନ ନିର୍ମାଣ ହୋଇଛି। ଏନେଇ କର୍ପୋରେଟର ସୁଜାତା ଛୋଟରାୟ କହିଛନ୍ତି, ଭୁଲ ସ୍ଥାନ ଚୟନରୁ ସୁଫଳ ମିଳିପାରିଲା ନାହିଁ। ତେବେ ଉକ୍ତ ଅଞ୍ଚଳରେ ଡ୍ରେନ ନିର୍ମାଣ ହୋଇଛି। ସେହିପରି ଶାସ୍ତ୍ରୀନଗର କମ୍ୟୁନିଟି ହଲ୍ ଓ ଅଞ୍ଚଳର ବିଦ୍ୟାଳୟରେ ୧ ଲକ୍ଷ ୩୪ ହଜାର ୪୨୩ଟଙ୍କା ବିନିମୟରେ ବୃଷ୍ଟିଜଳ ଅମଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ହେଲେ ବର୍ତ୍ତମାନ ତାହା ମାଟିରେ ମିଶି ଗଲାଣି।

# ଅନ୍ତ୍ୟୋଦୟକୁ ସାକାର କରିଛି ଡିଜିଟାଲ ଇଣ୍ଡିଆ

**ନୂଆଦିଲ୍ଲୀ,**

ଆମର ସ୍ୱଦେଶୀ ପ୍ଲାଟଫର୍ମ "ୟୁପିଆଇ' ଆର୍ଥିକ ନେଣଦେଣ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି । ସାରା ଭାରତରେ ଏହା ମାଧ୍ୟମରେ କାରବାର ହେଉଛି । ରାସ୍ତାକଡ଼ ଉଠାଦୋକାନୀଙ୍କ ଠାରୁ ଆରମ୍ଭକରି ବଡ଼ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ଅତି ସହଜରେ ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି ଯେ, କିଛି ମାସ ପୂର୍ବରୁ ମୁଁ ଦିଲ୍ଲୀରେ ଜଣେ ବରିଷ୍ଠ ୟୁରୋପୀୟ ମନ୍ତ୍ରୀଙ୍କୁ ଭେଟିଥିଲି । ଭାରତର ଡିଜିଟାଲ ଅର୍ଥପଇଠ ବିପ୍ଳବକୁ ଦେଖି ସେ ଆଚମ୍ବିତ ହୋଇଥିଲେ । ସାରା ଭାରତରେ ଲୋକମାନେ ଯେପରି ଭାବେ ମୋବାଇଲ ଫୋନ୍ ବ୍ୟବହାର କରି ଅର୍ଥପଇଠ କରୁଛନ୍ତି ତାହା ତାଙ୍କୁ ସବୁଠୁ ଅଧିକ ପ୍ରଭାବିତ କରିଥିଲା। ଛୋଟ ଗାଁରୁ ବଡ଼ ସହର ପର୍ଯ୍ୟନ୍ତ, ଚା' ଦୋକାନୀଙ୍କଠାରୁ ଆରମ୍ଭକରି ବଡ଼ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅତି ସହଜରେ ଡିଜିଟାଲ ଅର୍ଥପଇଠ କରୁଥିବା ସେ ଦେଖିଥିଲେ । କିନ୍ତୁ ତାଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରିଥିଲା: ଏତେ ପରିମାଣର ଭାଷାଗତ ଏବଂ ଭୌଗୋଳିକ ବିବିଧତା ସତ୍ତ୍ୱେ ଭାରତ କିପରି ଭାବେ ଏତେ ବ୍ୟାପକ ସଫଳତା ହାସଲ କରିଛି ମୁଁ ତାଙ୍କୁ ଗୋଟିଏ ୫୦୦ ଟଙ୍କିଆ ନୋଟ୍ ଦେଖାଇଲି। ସେଥିରେ ୧୭ଟି ଭାଷାରେ 'ପାଞ୍ଚଶତ ଟଙ୍କା' ଲେଖା ହୋଇଥିଲା। ଏହା ସାଧାରଣ ହେଲେ ମଧ୍ୟ ଭାରତର ବିବିଧତାର ଏକ ବଳିଷ୍ଠ ନିଦର୍ଶନ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏହି ବିବିଧତାକୁ ପ୍ରଯୁକ୍ତି ମାଧ୍ୟମରେ ଯୋଡ଼ାଯାଇ ପାରିଛି ଏବଂ ଏହା ଆମର ସବୁଠୁ ବଡ଼ ସାମର୍ଥ୍ୟ ପାଲଟିଛି। ଏହି ସମାବେଶୀ ଭାବନା ପ୍ରଯୁକ୍ତିବିଦ୍ୟା ପ୍ରତି ଆମର ଆଭିମୁଖ୍ୟକୁ ପରିଭାଷିତ କରୁଛି । ଏହା ଆମ ପ୍ରଧାନମନ୍ତ୍ରୀଙ୍କର ମୂଳ ଦର୍ଶନକୁ ପ୍ରତିଫଳିତ କରୁଛି । ଏହି ଦର୍ଶନ ହେଉଛି ପ୍ରଯୁକ୍ତିବିଦ୍ୟାର ଉପଲବ୍ଧତାକୁ ସାର୍ବଜନୀନ କରିବା ଏବଂ ସମସ୍ତଙ୍କୁ ଏହାର ଲାଭ ପ୍ରଦାନ କରିବା । ଦୋକାନରେ ଥିବା ସ୍ପିକରରେ ଅର୍ଥପଇଠ ହୋଇଛି ବୋଲି ବାର୍ତ୍ତା ଆସିବାଠାରୁ ଆରମ୍ଭକରି ଏସ୍‌ଏମ୍‌ଏସ୍ ମାଧ୍ୟମରେ ନିଶ୍ଚିତକରଣ ହେବା ପର୍ଯ୍ୟନ୍ତ, ଏହି ବ୍ୟବସ୍ଥାକୁ ବାଧାମୁକ୍ତ ଏବଂ ସରଳ କରାଯାଇଛି । ଅନୁରୂପ ସମାବେଶୀ ଭାବନା ନେଇ ଭୀମ୍ ୨୦ଟି ଭାଷା ଏବଂ ଉମଙ୍ଗ ୧୩ଟି ଭାଷାରେ କାର୍ଯ୍ୟ କରୁଛି । ଆମେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଏହି ରୂପାନ୍ତରଣ ଏକ ଗୌରବମୟ ଉଦାହରଣ ପାଲଟିଛି । ଅନ୍ତିମ ସୋପାନରେ ଥିବା ଲୋକଙ୍କୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର



ଅନ୍ତ୍ୟୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗ ଦେଖାଇ ଚାଲିଛି। ଜନସଂଖ୍ୟାର ଆକାର ସହ ତୁଳନୀୟ ଏକ ବିଶାଳ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ପୂର୍ବେ ପରିକଳ୍ପନା କରିଥିଲେ । ଏହାର ଲାଭ କିଛି ହାତଗଣତି ଲୋକଙ୍କୁ ନୁହେଁ ବରଂ ସମସ୍ତଙ୍କୁ ଯୋଗାଇ ଦେବାର ବିଚାରକୁ ନେଇ ଏକ ଯାତ୍ରା ଆରମ୍ଭ ହୋଇଥିଲା । ଫଳରେ ଆଜି ଯାହାକୁ ସାରା ବିଶ୍ୱ ଇଣ୍ଡିଆ ଷ୍ଟାକ୍ ରୂପେ ସ୍ୱୀକାର କରିଛି, ତାହାକୁ ନିର୍ମାଣ କରିବା ସମ୍ଭବ ହୋଇଥିଲା । ଏହାର କେନ୍ଦ୍ରରେ ରହିଛି ବିଶ୍ୱର ସର୍ବବୃହତ ଡିଜିଟାଲ ପରିଚୟ ବ୍ୟବସ୍ଥା ଆଧାର। ଏହା ୧୪୦ କୋଟିରୁ ଅଧିକ ଲୋକଙ୍କୁ ଏକକ ଡିଜିଟାଲ ପରିଚୟ ପ୍ରଦାନ କରିଛି । ପ୍ରତ୍ୟେକ ଦିନ, ନଅ କୋଟିରୁ ଅଧିକ ଆଧାର ପ୍ରମାଣୀକରଣ କରାଯାଉଛି । ଆମର ସ୍ୱଦେଶୀ ପ୍ଲାଟଫର୍ମ 'ୟୁପିଆଇ' ଆର୍ଥିକ ନେଣଦେଣ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି । ସାରା ଭାରତରେ ଏହା ମାଧ୍ୟମରେ କାରବାର ହେଉଛି । ରାସ୍ତାକଡ଼ ଉଠାଦୋକାନୀଙ୍କ ଠାରୁ ଆରମ୍ଭକରି ବଡ଼ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ଅତି ସହଜରେ ବ୍ୟବହାର କରୁଛନ୍ତି । ଗୋଟିଏ ଦିନରେ ହାରାହାରି ୬୦ କୋଟିରୁ ଅଧିକ ୟୁପିଆଇ ନେଣଦେଣ ହେଉଛି। ଦୈନନ୍ଦିନ ଜୀବନରେ ଡିଜିଟାଲ ଅର୍ଥପଇଠ ବ୍ୟବସ୍ଥା କିଭଳି ଗଭୀର ପରିବର୍ତ୍ତନ ଆଣିଛି ତାହା ଏଥିରୁ ପ୍ରମାଣିତ ହୋଇଥାଏ । ଡିଜିଲକର ପ୍ରଶାସନ ଓ ନାଗରିକ ସେବା ପ୍ରଦାନକୁ ଅଧିକ ସରଳ କରିଛି । ଡ୍ରାଇଭିଂ ଲାଇସେନ୍ସ ହେଉ କିମ୍ବା ଶିକ୍ଷାଗତ ପ୍ରମାଣପତ୍ର, କିମ୍ବା ଅନ୍ୟାନ୍ୟ ଜରୁରି ରେକର୍ଡ- କୋଟି କୋଟି ଲୋକ ଏସବୁକୁ ସୁରକ୍ଷିତ ଓ ସୁବିଧାଜନକ ଭାବେ ରଖିପାରୁଛନ୍ତି। ମୋବାଇଲ ଫୋନ୍‌ର ବ୍ୟାପକ ବ୍ୟବହାର ବିନା ଏସବୁ କିଛି ସମ୍ଭବ ହୋଇପାରିନଥାନ୍ତା । ବର୍ତ୍ତମାନ ଭାରତର ୯୦% ଲୋକ ମୋବାଇଲ ଉପକରଣ ବ୍ୟବହାର କରୁଛନ୍ତି। ଏହା ଲୋକମାନଙ୍କ ହାତରେ ସିଧାସଳଖ ପ୍ରଯୁକ୍ତିର ଶକ୍ତି ପ୍ରଦାନ କରିଛି । ଇଣ୍ଡିଆ ଷ୍ଟାକ୍ ମଧ୍ୟ ଏକ ବିଶ୍ୱସ୍ତରୀୟ ମଡେଲ ଭାବେ ଉଭା ହୋଇଛି । ଜି-ଟ୍ୱେଣ୍ଟି ବୈଠକରେ ଭାରତ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ଏଜେଣ୍ଡାକୁ ଆଗକୁ ବଢ଼ାଇଥିଲା ଏବଂ ଏକ ଗ୍ଲୋବାଲ ଡିପିଆଇ ରିପୋଜିଟୋରୀ ପାଇଁ ପ୍ରସ୍ତାବ ଦେଇଥିଲା । ବର୍ତ୍ତମାନ ସୁଦ୍ଧା ୭ଟି ଦେଶରେ ୟୁପିଆଇ କାରବାର ହେଉଛି, ଆହୁରି ଅନେକ ଦେଶ ଏହାକୁ ଗ୍ରହଣ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି ।

୫୫ କୋଟିରୁ ଉର୍ଦ୍ଧ୍ୱ ଜନ-ଧନ ଆକାଉଣ୍ଟ ଖୋଲାଯାଇଛି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ମାଧ୍ୟମରେ ୪୪ଲକ୍ଷ କୋଟି ଟଙ୍କା ବିତରଣ କରାଯାଇଛି । ୧୦କୋଟିରୁ ଅଧିକ ଏଲପିଜି ସଂଯୋଗ ଦିଆଯାଇଛି ଏବଂ ସ୍ୱାସ୍ଥ୍ୟସେବା ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚି ପାରୁଛି। ଡିଜିଟାଲ ଇଣ୍ଡିଆର ଜନ-ଧନ-ଆଧାର-ମୋବାଇଲ (ଜାମ୍) ତ୍ରୟ ଜରିଆରେ ଏସବୁ ସମ୍ଭବ ହୋଇପାରିଛି । ଆଜି ବାରଣାସୀ ଅଟୋଚାଳକ ହୁଅନ୍ତୁ କିମ୍ବା ମୁମ୍ବାଇର ହକର, ସମସ୍ତେ ଡିଜିଟାଲ ପେମେଣ୍ଟ ପାଇପାରୁଛନ୍ତି । କଲ୍ୟାଣମୂଳକ ଯୋଜନାରେ ବାଟମାରଣା ବନ୍ଦ ହୋଇଛି । ପ୍ରଶାସନ ଅଧିକ ପାରଦର୍ଶୀ ହୋଇଛି। ସଠିକ୍ ସମୟରେ ଲୋକଙ୍କ କାମ ହୋଇଯାଉଛି।

ମାଇଁ ଗଭ୍ ଏବଂ ଉମଙ୍ଗ ଭଳି ଡିଜିଟାଲ ପ୍ଲାଟଫର୍ମ ଜରିଆରେ ନାଗରିକମାନେ ୨ହଜାରରୁ ଅଧିକ ସରକାରୀ ସେବା ପାଇପାରୁଛନ୍ତି । ଭାରତର ଜାତୀୟ ଟେଲି ମେଡିସିନ୍ ପ୍ଲାଟଫର୍ମ ଇ-ସଞ୍ଜୀବନୀ ଜରିଆରେ ୩୮କୋଟି ଡାକ୍ତରୀ ପରାମର୍ଶ ମିଳିପାରିଛି । ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ)ର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଇଁ ଗୋଟିଏ ଏକକ ଡିଜିଟାଲ ସ୍ୱାସ୍ଥ୍ୟ ଆଇଡି ପ୍ରସ୍ତୁତ କରିବା । ବର୍ତ୍ତମାନ ସୁଦ୍ଧା ୭୯କୋଟିରୁ ଅଧିକ ସ୍ୱାସ୍ଥ୍ୟ ଆଇଡି, ୬ଲକ୍ଷ ସ୍ୱାସ୍ଥ୍ୟସେବା ପେସାଦାର ଏବଂ ୬୦କୋଟି ସ୍ୱାସ୍ଥ୍ୟ ରେକର୍ଡର ଏକୀକରଣ କରାଯାଇଛି । ବିହାରର ଏକ ଉପାନ୍ତ ଗାଁରେ ରହୁଥିବା ଶ୍ରୀମତୀ କାନ୍ତି ଦେବୀ ତାଙ୍କ ଘରୁ ଗୋଡ଼ ନକାଢ଼ି ଶହ ଶହ କିଲୋମିଟର ଦୂର ଲକ୍ଷ୍ନୌରେ ରହୁଥିବା ଜଣେ ବିଶେଷଜ୍ଞ ଡାକ୍ତରଙ୍କଠାରୁ ଚିକିତ୍ସା ପରାମର୍ଶ ପାଇପାରିଛନ୍ତି । ଡିଜିଟାଲ ଇଣ୍ଡିଆର ଏହି ମହାଶକ୍ତି ସାଧାରଣ ନାଗରିକଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ଭଳି ଜରୁରି ସେବାକୁ ପହଞ୍ଚାଇ ପାରିଛି ।

ଦୀକ୍ଷା, ସ୍ୱୟଂ ଏବଂ ପିଏମ୍ ଇ-ବିଦ୍ୟା ଭଳି ଡିଜିଟାଲ ଶିକ୍ଷା ପ୍ଲାଟଫର୍ମ ଏବେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଖରେ ସେମାନଙ୍କର ମାତୃଭାଷାରେ ପହଞ୍ଚି ପାରୁଛି । ସ୍କିଲ୍ ଇଣ୍ଡିଆ ଡିଜିଟାଲ ହବ୍ (ଏସଆଇଡିଏଚ) ଏବଂ ଫ୍ୟୁଚର ସ୍କିଲସ ପ୍ରାଇମ୍ ଏବେ ଏଆଇ, ସାଇବର ସିକ୍ୟୁରିଟି ଏବଂ ବ୍ଲକ ଚେନ୍‌ରେ ଆମର ଯୁବବର୍ଗଙ୍କର ଦକ୍ଷତା ବିକାଶ କରୁଛି । ଚାଷୀମାନେ ଡିଜିଟାଲ ମାଧ୍ୟମରେ ପାଣିପାଗ ସମ୍ବନ୍ଧୀୟ ସୂଚନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ବଜାର ମୂଲ୍ୟ ପାଇପାରୁଛନ୍ତି । ବର୍ତ୍ତମାନ ୧୧କୋଟିରୁ ଅଧିକ ଚାଷୀ ପ୍ରଧାନମନ୍ତ୍ରୀ-କିଷାନ ସମ୍ମାନ ନିଧି ଯୋଜନା ମାଧ୍ୟମରେ ସିଧାସଳଖ ଆୟ ସହାୟତା ପାଉଛନ୍ତି, ଯାହା ବାଧାମୁକ୍ତ ଭାବରେ ଯୋଗାଇ ଦିଆଯାଉଛି । ଅନ୍ତର୍ଭୁକ୍ତୀକରଣକୁ ଅନ୍ତ୍ୟୋଦୟର ସ୍ୱପ୍ନକୁ ସାକାର କରିପାରୁଛି ତାହା ଏସବୁ ଉଦାହରଣରୁ ପ୍ରତୀୟମାନ ହୋଇଥାଏ ।

ଭାରତର ଡିଜିଟାଲକରଣ ବୃଦ୍ଧିପାଉଥିବା ବେଳେ ଏହାର ସାଇବର ସୁରକ୍ଷା ଢାଞ୍ଚାକୁ ସୁଦୃଢ଼ କରାଯାଇଛି । ସିଇଆରଟି-ଇନ୍ ଭଳି ପ୍ରତିଷ୍ଠାନ, ସାଇବର ହେଲ୍‌ପଲାଇନ୍ ୧୯୩୦ ଏବଂ ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ୨୦୨୩ ବ୍ୟବହାରକାରୀଙ୍କ ଗୋପନୀୟତା ଓ ତଥ୍ୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଅପରେସନ ସିନ୍ଦୂର ସମୟରେ ଏହାର ଏକ ଦୃଢ଼ ଉଦାହରଣ ଦେଖିବାକୁ ମିଳିଥିଲା । ଆମର ଭିତ୍ତିଭୂମି ଉପରେ ସୁନିୟୋଜିତ ସାଇବର ଆକ୍ରମଣକୁ ଆମର ଏଜେନ୍‌ସିଗୁଡ଼ିକ ସଫଳତାର ସହିତ ମୁକାବିଲା କରିପାରିଥିଲେ ।

୧.୮ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ସହିତ, ଭାରତରେ ଏବେ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ରହିଛି। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରୁ ଅନେକ ଡିଜିଟାଲ ଇଣ୍ଡିଆର ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମିର ମୂଳଦୁଆକୁ ଆଧାର କରି ବଢ଼ିଛନ୍ତି । ଆଫ୍ରିକା, ଲାଟିନ୍ ଆମେରିକା ଏବଂ ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ରଗୁଡ଼ିକ ଏବେ ଇଣ୍ଡିଆ ଷ୍ଟାକ୍ ମଡେଲକୁ ଗ୍ରହଣ କରୁଥିବାରୁ ଭାରତ ଦୁନିଆକୁ ଡିଜିଟାଲ ସାର୍ବଜନୀନ ସାମଗ୍ରୀ ରପ୍ତାନି କରୁଛି ।

ପ୍ରଧାନମନ୍ତ୍ରୀ ମୋଦି 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର ଇଣ୍ଡିଆ, ମେକ୍ ଫର ଦ ୱାର୍ଲଡ' (ଭାରତରେ ନିର୍ମାଣ, ଭାରତ ପାଇଁ ନିର୍ମାଣ ଏବଂ ବିଶ୍ୱ ପାଇଁ ନିର୍ମାଣ) ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଫଳରେ ଇଲେକଟ୍ରୋନିକ୍ସ ଏବଂ ମୋବାଇଲ ଉତ୍ପାଦନରେ ଅଧିକ ବୃଦ୍ଧି ହୋଇଛି। ଆମର ଇଲେକଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ୧୨ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଆଜି, ଭାରତ ଏକ ଅଗ୍ରଣୀ ମୋବାଇଲ ଫୋନ୍ ରପ୍ତାନିକାରୀ ଦେଶରେ ପରିଣତ ହୋଇଛି। ଦୂରସଞ୍ଚାର ଭିତ୍ତିଭୂମିରେ ଦୃଢ଼ ସମ୍ପ୍ରସାରଣ ସହିତ ଏହି ବିକାଶକୁ ସମାନ୍ତରାଳ ଭାବେ ସମର୍ଥନ ଯୋଗାଇ ଦିଆଯାଉଛି । ଅନେକ ବର୍ଷ ପରେ ବିଏସ୍‌ଏନ୍‌ଏଲ୍ ପୁଣିଥରେ ଲାଭ ଉପାର୍ଜନ କରିପାରୁଛି । ଏହା ସରକାରୀ ଦୂରସଞ୍ଚାର କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଭାରତ ନିଜର ସ୍ୱଦେଶୀ ଦୂରସଞ୍ଚାର ଷ୍ଟାକ୍ ମଧ୍ୟ ବିକଶିତ କରିଛି । ଆଜି ପ୍ରାୟ ସାରାଦେଶରେ ୪ଜି ସେବା ପହଞ୍ଚିପାରିଛି ଏବଂ ଭାରତରେ ବିଶ୍ୱର ସବୁଠୁ ଦ୍ରୁତତମ ୫ଜି ସେବା କାର୍ଯ୍ୟକାରୀ ହୋଇଛି। ଏହି ଦୃଢ଼ ଡିଜିଟାଲ ଆଧାର ଡିଜିଟାଲ ଇଣ୍ଡିଆର ପରବର୍ତ୍ତୀ ପର୍ଯ୍ୟାୟକୁ ଆଗେଇ ନେବାରେ ସହାୟକ ହେଉଛି । ଭାରତ ସେମିକଣ୍ଡକ୍ଟର ମିଶନ ଭାରତର ସ୍ୱଦେଶୀ ଚିପ୍ ନିର୍ମାଣର ସଂକଳ୍ପକୁ ବାସ୍ତବତାରେ ପରିଣତ କରୁଛି। ଛଅଟି ସେମିକଣ୍ଡକ୍ଟର ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଯଥାଶୀଘ୍ର ପ୍ରଥମ ମେଡ୍-ଇନ୍‌ଇଣ୍ଡିଆ ଚିପ୍ ଉତ୍ପାଦନ ଲାଗି ଏବେ ସେମାନଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ଚାଲିଛି। ଭାରତରେ ମଧ୍ୟ ୧,୭୦୦ରୁ ଅଧିକ ବିଶ୍ୱ କ୍ଷମତା କେନ୍ଦ୍ର ରହିଛି ଏବଂ ପ୍ରାୟ ୨୦ଲକ୍ଷ ଲୋକ ନିୟୋଜିତ ରହିଛନ୍ତି । ଖର୍ଚ୍ଚ ସଞ୍ଚୟକାରୀ ବ୍ୟାକ୍ ଅଫିସ୍ ଭାବରେ ଆରମ୍ଭ ହୋଇଥିବା କାର୍ଯ୍ୟ ଏବେ ବିଶ୍ୱ ପାଇଁ ନବସୃଜନ, ଡିଜାଇନ୍ ଏବଂ ଉତ୍ପାଦ ବିକାଶକୁ ଆଗେଇ ନେଉଛି । ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଏହାର ଦଶମ ବାର୍ଷିକୀ ପାଳନ କରୁଛି । ଏକ ଦୃଢ଼ ଡିଜିଟାଲ ମୂଳଦୁଆ ସ୍ଥାପିତ ହୋଇଛି, ଯାହାକୁ ଆଧାର କରି ବିକଶିତ ଭାରତର ଅଟ୍ଟାଳିକା ନିର୍ମାଣ କରାଯାଉଛି। ଆମର ଲକ୍ଷ୍ୟ ବେଶ୍ ସ୍ପଷ୍ଟ– ତୃଣମୂଳ ସ୍ତରରେ ଡିଜିଟାଲ ବିଭାଜନ ଦୂର କରିବା, ଡିଜିଟାଲ ସାକ୍ଷରତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ସାଇବର ସୁରକ୍ଷା ସୁନିଶ୍ଚିତ କରିବା ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁଲାଇ ୨୦୨୫ ରବିବାର





# ରାଇଘରରେ ଅନୁପ୍ରବେଶକାରୀ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**ରାଇଘର, ନ୍ୟୁଜ୍ ବ୍ୟୁରୋ**



ବାଂଲାଦେଶୀ ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରାଇଘର ପୋଲିସ ମଧ୍ୟ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ବ୍ଲକର ବିଭିନ୍ନ ଦଣ୍ଡକାରଣ୍ୟ (ଡି.ଏନ.କେ) ଗ୍ରାମ ଗୁଡ଼ିକରୁ ପ୍ରାୟ ୫୯ ଜଣ (ପରିବାର ମୁଖ୍ୟ)ଙ୍କ ତାଲିକା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇବା ପରେ ସ୍ଥାନୀୟ ପୋଲିସ ତତ୍ପରତା ପ୍ରକାଶ କରିଛି। ଉକ୍ତ ତାଲିକା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଦଶ ଜଣଙ୍କୁ ଥାନାରେ ଡକାଇ ସେମାନଙ୍କ ପରିବାରର ସମ୍ପୂର୍ଣ୍ଣ ତଥ୍ୟ ପ୍ରମାଣ ସହ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ୧୯୭୧ ମସିହା ପୂର୍ବରୁ ବାଂଲାଦେଶରୁ ବହୁ ଅନୁପ୍ରବେଶକାରୀ ନିଜ ନିଜ ସମ୍ପର୍କୀୟଙ୍କ ସହାୟତାରେ ବିନା ସରକାରୀ ସ୍ୱୀକୃତିରେ ଆସି ନବରଙ୍ଗପୁର ଜିଲ୍ଲାରେ ବାସ କରୁଛନ୍ତି। ରାଇଘର ବ୍ଲକରେ ଏହାର ସଂଖ୍ୟା ଅଧିକ ରହିଛି। ଅନୁପ୍ରବେଶକାରୀମାନେ ନିଜ ନିଜ ପରିବାର ସହିତ ବ୍ଲକର ବିଭିନ୍ନ ବଙ୍ଗାଳି ଗ୍ରାମ ଯଥା ଭାରମୁଣ୍ଡି (ଡିଏନ୍‌କେ), କୁସୁମପୁର (ଡିଏନ୍‌କେ), ଛତାବେଡ଼ା (ଡିଏନ୍‌କେ), ଗୁରୁସିଙ୍ଗା (ଡିଏନ୍‌କେ), ସୋନପୁର (ଡିଏନ୍‌କେ), ଜଳଙ୍ଗପାରା (ଡିଏନ୍‌କେ), ସରଗୁଲି (ଡିଏନ୍‌କେ), ତୁରୁଡି (ଡିଏନ୍‌କେ), କୁମୁଲି (ଡିଏନ୍‌କେ), ହାତୀବେଡ଼ା (ଡିଏନ୍‌କେ), ପାଉରବେଳା (ଡିଏନ୍‌କେ), ସୋନପୁର (ଡିଏନ୍‌କେ) ଏବଂ ରାଇଘର ଗ୍ରାମରେ ଆସି ରହୁଛନ୍ତି। ବର୍ତ୍ତମାନ ସରକାର ସେମାନଙ୍କୁ ଚିହ୍ନଟ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ବିଶେଷ ସୂତ୍ରରୁ ସେମାନଙ୍କ ନାମ ସଂଗ୍ରହ କରି ତାଲିକା ପ୍ରକାଶ କରିଛି। ବର୍ତ୍ତମାନ ସୁଦ୍ଧା ରାଇଘର ବ୍ଲକରେ ପ୍ରଶାସନ ପକ୍ଷରୁ ପ୍ରାୟ ୫୯ ପରିବାର ମୁଖ୍ୟଙ୍କ ନାମକୁ ନେଇ ତାଲିକା ପ୍ରସ୍ତୁତି କରିବା ସହ ଯାଞ୍ଚ ପାଇଁ ସ୍ଥାନୀୟ ଥାନାରେ ପ୍ରଦାନ କରିଛି। ସେଥିମଧ୍ୟରୁ ଭାରମୁଣ୍ଡି (ଡିଏନ୍‌କେ)ରେ ସର୍ବାଧିକ ୧୬ ଏବଂ ସରଗୁଲି (ଡିଏନ୍‌କେ)ରେ ୧୩ ପରିବାରର ମୁଖ୍ୟଙ୍କ ନାମ ରହିଛି। ବ୍ଲକର ପ୍ରାୟ ସମସ୍ତ ଡିଏନ୍‌କେ ଗ୍ରାମରେ ଅନୁପ୍ରବେଶକାରୀ ନିଜ ପରିବାର ସହିତ ରହିଥିବା ତାଲିକାରୁ ଜଣାପଡ଼ିଛି। ସ୍ଥାନୀୟ ପୋଲିସ କୌଣସି ଚାପରେ ନପଡ଼ି ନିଜର ଯାଞ୍ଚ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

## — ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା —

# ପୂର୍ବତନ ଜିପିଟିଏଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଆୟ ବହିର୍ଭୂତ ସଂପତ୍ତି ଠୁଳ ମାମଲାର ବିଚାର କରି କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଭଗବାନ ପ୍ରଧାନ ଚମ୍ପୁଆ ବ୍ଲକର ପୂର୍ବତନ ଜିପିଟିଏ ମିତ୍ରଜିତ୍ ବାରିକଙ୍କୁ ୩ ବର୍ଷ ଜେଲ୍ ଦଣ୍ଡ ସହିତ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ । ମିଳିଥିବା ସୂଚନା ଅନୁଯାୟୀ, ୨୦୧୧/୧୨ ମସିହାରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଜିପିଟିଏ ଭାବେ ମିତ୍ରଜିତ୍ ବାରିକ କାର୍ଯ୍ୟ କରୁଥିଲେ । ଏହି ସମୟରେ ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଡିଏସ୍‌ପି ଗଣେଶ୍ୱର ସେଠୀ ନିଜ ପକ୍ଷରୁ ଏକ ମାମଲା ରୁଜୁ କରି ତାଙ୍କ ବାସଭବନ ଉପରେ ଚଢଉ କରିଥିଲେ । ବାଲେଶ୍ୱର ଭିଜିଲାନ୍ସ କେସ୍ ନମ୍ବର ୨/ ୧୨-୧-୨୦୧୨ ରୁଜୁ କରିଥିଲେ । ଚଢଉରୁ ଜଣାପଡିଲା ଯେ ସେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଛନ୍ତି । ଏଥିନେଇ ଭିଜିଲାନ୍ସ ଡିଏସ୍‌ପି ଚାର୍ଜସିଟ୍ ମଧ୍ୟ କରିଥିଲେ । ଚାର୍ଜସିଟ୍‌ରେ ଶ୍ରୀ ବାରିକଙ୍କ ସହିତ ତାଙ୍କ ସ୍ତ୍ରୀ ସୁରେଖା ବାରିକଙ୍କ ନାମରେ ମଧ୍ୟ କେସ୍ ହୋଇଥିଲା । ୧୯ ଡିସେମ୍ବର ୨୦୦୫ରୁ ୨୨ ନଭେମ୍ବର ୨୦୧୧ ମସିହା ମଧ୍ୟରେ ସେ ୨୦ ଲକ୍ଷ ୧୫ ହଜାର ୬୦୨ ଟଙ୍କା ସହିତ ତାଙ୍କ ପୈତୃକ ଗ୍ରାମ ମୟୁରଭଞ୍ଜ ଜିଲ୍ଲା ରରୁଆଁରେ ଏକ ବିଲଡିଂ କରିଥିଲେ । ତେବେ ଏହି ମାମଲାର ବିଚାର କରି କୋର୍ଟ ୨୫ ଜଣଙ୍କ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ତାଙ୍କୁ ୩ ବର୍ଷ କାରାଦଣ୍ଡ ସହିତ ୩୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ସୁରେଖାଙ୍କୁ ପ୍ରମାଣ ଅଭାବରୁ ଖଲାସ ହୋଇଥିଲେ ।

# ବ୍ୟାଟେରି ଦୋକାନରୁ ଚୋରି: ୪ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଏମ୍‌ଜି ରୋଡ ସାଇମନ୍ଦିର ପାଖରେ ଥିବା ଏକ ବ୍ୟାଟେରି ଦୋକାନରୁ ୪ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗରେ ଟାଉନ୍ ପୋଲିସ ୪ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ୭୦ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତ ମାନେ ହେଲେ ଢେପଗୁଡା ଅଞ୍ଚଳର ଏସ. ଧନଞ୍ଜୟ, କୁନ୍ଦାରୀଗୁଡା ଅଞ୍ଚଳର ରିଙ୍କୁ ସମରଲିଆ, ଢେପଗୁଡା ଅଞ୍ଚଳର ସୁରେନ୍ଦ୍ର ହରିଜନ ଓ ଖାଲସାହି ଅଞ୍ଚଳର ଭଗବାନ ମୁଦିଲି। ଟାଉନ୍ ପୋଲିସ କୌଣସି ସୂତ୍ରରୁ ଖବରପାଇ ୪ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁଯାୟୀ ବ୍ୟାଟେରି ଦୋକାନ ମାଲିକ ବସ୍ତଶୀ ତୟାଲ ଗତ ୨୯ ତାରିଖ ରବିବାର ଯୋଗୁ ଦୋକାନ ବନ୍ଦ ରଖିଥିଲେ। ପରଦିନ ଅର୍ଥାତ୍ ୩୦ ତାରିଖ ପୂର୍ବାହ୍ନରେ କର୍ମଚାରୀମାନେ ସୋରୁମ୍ ଖୋଲିଥିଲେ। ଭିତରେ ଥିବା ସାମଗ୍ରୀ ବିଛାଡ଼ି ହୋଇପଡିଥିବା ସହ ପଛପଟ କାନ୍ଥ ଭାଙ୍ଗିଥିବା ଦେଖିଥିଲେ। ଦୁର୍ବୃତ୍ତମାନେ କ୍ୟାସ କାଉଣ୍ଟର ଭାଙ୍ଗି ନଗଦ ୪ ଲକ୍ଷ, କମାନିର ଗିନ୍ନି, ଆଇଫମ୍ ରୁପା କଏନ୍ ଓ ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଟାଉନ୍ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ୪ ଜଣ ଚୋରଙ୍କୁ ଧରିବାରେ ସଫଳ ହୋଇଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ସିଦ୍ଧାର୍ଥ ବେହେରା ପ୍ରକାଶ କରିଛନ୍ତି।

# ୩ ଆନ୍ତଃରାଜ୍ୟ ଲୁଟେରାଙ୍କ ସମେତ ୫ ଗିରଫ:ସୁନା ଓ ରୁପା ଗହଣା ଜବତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଓ କେନ୍ଦୁଝର ଜିଲ୍ଲାକୁ ଲାଗି ରହିଥିବା ପଡୋଶୀ ଝାଡଖଣ୍ଡ ରାଜ୍ୟରେ ସୁନା ରୁପା ଗହଣା ଲୁଟ୍‌ରେ ସମ୍ପୃକ୍ତ ତିନି ଜଣ ଅଭିଯୁକ୍ତଙ୍କ ସହ ସେମାନଙ୍କ ସହ ଜଡ଼ିତ ଦୁଇ ବ୍ୟବସାୟୀ ସମେତ ୫ ଜଣଙ୍କୁ ଗିରଫ କରିଛି ପୋଲିସ। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବଡ଼ବିଲ୍ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଏହି ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି ପୋଲିସ ଏବଂ ଏହି ଆନ୍ତଃରାଜ୍ୟ ଲୁଟେରା ମାନେ କେନ୍ଦୁଝର ଜିଲ୍ଲାର ବଡ଼ବିଲ୍ ଯୋଡ଼ା ଓ ଚମ୍ପୁଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୁଟ୍ କରୁଥିଲେ। ସେମାନଙ୍କ ଠାରୁ ପୋଲିସ୍ ୨୯.୫୩୦ ଗ୍ରାମ ସୁନା ତିନିକିଲୋ ୬୮୧.୨୭ଗ୍ରାମ ରୁପା ଗହଣା ସହ ସେମାନେ ବ୍ୟବହୃତ ଏକ ହୋଣ୍ଡା ସାଇନ୍ ମୋଟର ସାଇକେଲକୁ ଜବତ କରିଛି ପୋଲିସ୍। ଏହି ଅଭିଯୁକ୍ତ ମାନେ ହେଲେ ଝାଡଖଣ୍ଡ ରାଜ୍ୟର ମଝଗାଁ ଥାନା ଅନ୍ତର୍ଗତ ରାଜେନ୍ଦ୍ର ପିଙ୍ଗୁଆ ଓ ଦିପକ ଗୋପ, ଜଗନ୍ନାଥପୁର ଥାନା ଅନ୍ତର୍ଗତ ସରୋଜ କେଶରୀ ଏବଂ ତାଙ୍କ ସହ ଜଡ଼ିତ ଝାଡଖଣ୍ଡ ରାଜ୍ୟର ବାଗବେଡା ଥାନା ଅନ୍ତର୍ଗତ ଶିବ ପ୍ରକାଶ ପ୍ରାସାଦ ଓ ରାଜେନ୍ଦ୍ର ପ୍ରସାଦ। ଏମାନଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ପିଙ୍ଗୁଆ।

# ଅରୂପା ପତାଙ୍ଗିଆ କାଳିତା ପାଇଲେ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର

**ବାଲେଶ୍ୱର, ନ୍ୟୁଜ୍**




ବିଶ୍ୱବିଦ୍ୟାଳୟ ୨୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ସାଂସଦ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବିଶ୍ୱବିଦ୍ୟାଳୟର ଅତୀତର ସଂଘର୍ଷ ଓ ବର୍ତ୍ତମାନର ବିକଶିତ ଚିତ୍ର ଉପରେ ଆଲୋକପାତ କରି ଛାତ୍ର ଜୀବନର ବିଶେଷତ୍ୱ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରିଥିଲେ। ଜ୍ଞାନ ଆହରଣକୁ ରାଷ୍ଟ୍ର ନିର୍ମାଣ ତଥା ଦେଶର ବିକାଶ କ୍ଷେତ୍ରରେ ଉପଯୋଗ କରିବା ନିତ୍ୟାନ୍ତ ଆବଶ୍ୟକ ଓ ଛାତ୍ରଛାତ୍ରୀ ମାନଙ୍କ ଏକ ସଂପୂର୍ଣ୍ଣ ନାଗରିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଚରିତ୍ର ନିର୍ମାଣ ତଥା ସଂସ୍କାର ଯୁକ୍ତ ହେଲେ ହିଁ ଏକ ସଶକ୍ତ ଦେଶ ଗଠନ କରାଯାଇପାରିବ ବୋଲି ଶ୍ରୀ ଷଡଙ୍ଗୀ ଉପଦେଶମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ୨୭ ତମ ସ୍ଥାପନା ଦିବସ ଅବସରରେ ସୁପ୍ରତିଷ୍ଠିତ ଭାରତୀୟ ଲେଖକ ପ୍ରଫେସର ଅରୂପା ପତାଙ୍ଗିଆ କାଳିତାଙ୍କୁ ୨୦୨୫ ମସିହା ପାଇଁ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ପ୍ରଫେସର କଳିତାଙ୍କୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସାମଗ୍ରିକ କୃତିତ୍ୱ ଅର୍ଜନ ପାଇଁ ଏହି ସାରସ୍ୱତ ପୁରସ୍କାରରେ ସମ୍ମାନିତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟର ପ୍ରାତଃ ସ୍ମରଣୀୟ ସାହିତ୍ୟିକ ଫକୀରମୋହନ ସେନାପତିଙ୍କ ନାମରେ ନାମିତ ଏହି ପୁରସ୍କାର ପୂର୍ବରୁ ମାଧବ କୌଶିକ, ୟୁ.ଆର ଅନନ୍ତମୂର୍ତ୍ତୀ, ପେରୁମଲ ମୁରୁଗନ ଓ ଅଲକା ସରାଗୋଇଙ୍କୁ ପ୍ରଦାନ କରାଯାଇଛି । ଏହି ସମ୍ମାନ ସ୍ୱରୂପ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ସମ୍ମାନ ଓ ଏକଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଫେସର ଅରୂପା ପତାଙ୍ଗିଆ କାଳିତା ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ଉଦ୍‌ବୋଧନରେ, ଫକୀରମୋହନ ସେନାପତିଙ୍କୁ ଆଧୁନିକ ଓଡ଼ିଶାର ନିର୍ମାଣକର୍ତ୍ତା ବୋଲି ସମ୍ବୋଧନ କରିଥିଲେ। ସେ ଫକୀରମୋହନ ସେନାପତିଙ୍କ ଯୁଗୋପଯୋଗୀ ରଚନା, ଗଳ୍ପ ସଙ୍କଳନ ଆଦି ବିବିଧ ବିଷୟଗୁଡ଼ିକ ଉପରେ ଆଲୋକପାତ କରି ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ନିଜ ରଚନା ଗୁଡ଼ିକର ମୂଳତତ୍ତ୍ୱ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦ୍‌ବୋଧନରେ ବିଶ୍ୱବିଦ୍ୟାଳୟରେ ଭବିଷ୍ୟତରେ ହେବାକୁଥିବା ଯୋଜନା ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକର ବ୍ୟାଖ୍ୟା କରିଥିଲେ।

# ନାଳରେ ଭାସିଯାଇ ନିଖୋଜ ଥିବା ସାନ ଭାଇର ମୃତଦେହ ଉଦ୍ଧାର



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତ ଅନ୍ତର୍ଗତ ମାଝିମୁଣ୍ଡା ଗ୍ରାମର ଧର୍ମଦାଣ୍ଡି ନାଳରେ ଗାଧୋଉଥିବା ବେଳେ ନିଖୋଜ ହୋଇଯାଇଥିବା ଦୁଇ ଭାଇ ଟିକେଶ୍ୱର ବାରିକ ଓ ନିରଞ୍ଜନ ବାରିକଙ୍କ ଶବ ଉଦ୍ଧାର କରିଛି ସ୍ଥାନୀୟ ଅଗ୍ନିଶମ ବାହିନୀ । ଉଭୟ ଦୁଇଜଣ ବ୍ୟକ୍ତି ହେଉଛନ୍ତି ମାଝୀମୁଣ୍ଡା ଗ୍ରାମର ଦୁଇଭାଇ ଟିକେଶ୍ୱର ବାରିକ (୩୫) ଓ ନିରଞ୍ଜନ ବାରିକ (୩୦) । ବିଲରେ ଚାଷ କାମ ସାରି ଦୁଇ ଭାଇ ଆସି ଧର୍ମଦାଣ୍ଡି ନାଳକୁ ଗାଧୋଇବାକୁ ଯାଇଥିଲେ । ବଡ଼ ଭାଇ ଗାଧୋଉଥିବା ବେଳେ ହଠାତ୍ ପାଣି ମାଡ଼ି ଆସିଥିବାରୁ ସେ ଭାସି ଯାଉଥିବା ଦେଖି ସାନ ଭାଇ ବଡ଼ ଭାଇକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ସ୍ଥାନୀୟ ଲୋକେ ଦୁଇ ଭାଇ ଭାସୁଥିବା ଦେଖି ମଧ୍ୟ ପାଣିର ଅଧିକ ସ୍ରୋତ ଥିବାରୁ ଉଦ୍ଧାର କରିବାକୁ ସାହସ କରିନଥିଲେ । ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଅଗ୍ନିଶମ ବିଭାଗ ଘଟଣା ସ୍ଥଳକୁ ଆସି ଖୋଜା ଖୋଜି କରିଥିଲେ । କିନ୍ତୁ ବର୍ଷା ଓ ରାତି ଅନ୍ଧାରରେ ନିଖୋଜ ଭାଇ ଦ୍ୱୟଙ୍କୁ ପ୍ରଥମ ଦିନ ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ଦ୍ୱିତୀୟ ଦିନ ସକାଳେ ମୃତ ବଡ ଭାଇ ଟିକେଶ୍ୱର ବାରିକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ମୃତ ସାନ ଭାଇ ନିରଞ୍ଜନ ବାରିକଙ୍କ ଶବ ତୃତୀୟ ଦିନ ସକାଳେ ନାଳର ଦୁଇ କିମି ଦୂରରେ ଉଦ୍ଧାର କରିଥିବା ଜଣାଯାଇଛି । ପ୍ରତିକୂଳ ପାଣି ପାଗ ଓ ଗଭୀର ପାଣିର ପ୍ରଖର ସ୍ରୋତ ସତ୍ତ୍ୱେ ମଧ୍ୟ ଦୀର୍ଘ ୩ ଦିନର ପ୍ରାଣ ମୂର୍ଚ୍ଛା ଉଦ୍ୟମ ଧର୍ଯ୍ୟ ଓ କଠିନ ପରିଶ୍ରମ ଯୋଗୁ ଡୁଙ୍ଗୁରିପାଲି ଅଗ୍ନିଶମ ବାହିନୀର ଷ୍ଟେସନ୍ ଅଫିସର ପାଉଲୁଶ କୁଜୁରଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀ ରଶ୍ମିରଞ୍ଜନ ବାରିକ, ସନ୍ତୋଷ ବେହେରା, ସୁଜିତ୍ ରାଉତ୍, ସୁଶୀଲ ମାଝୀ, ଏସ୍‌ଏନ୍ ଖୁଣ୍ଟିଆ, ଏନ୍‌କେ ସାହୁ, ପି. ମେଷ୍ଟାଲିଟି, ୟୁଏସ୍ ଧରୁଆ, ପି. ବର୍ଗେ, ପି. କର୍ଣ୍ଣ ପ୍ରମୁଖ ସମସ୍ତ ସହଯୋଗରେ ମୃତ ଦୁଇ ଭାଇଙ୍କ ଶବ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି ।

# ୧୫୦ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ:ଦୁଇ ଗିରଫ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ସଦର ଥାନା ଅନ୍ତର୍ଗତ ପୋଡାପାଟଣା ଗାଁରୁ ଅବକାରୀ ବିଭାଗ ୧୫୦ ଗ୍ରାମର ବ୍ରାଉନ୍‌ସୁଗାର, ନଗଦ ଏକ ଲକ୍ଷ ଟଙ୍କା, ଗୋଟିଏ ମୋବାଇଲ୍ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ପୋଡ଼ାପାଟଣା ଗାଁର ପଦ୍ମଲାଭ ସାହୁ (୬୩) ଓ ସାନପଦର ଗାଁର ରଞ୍ଜନ କୁମାର ମହାପାତ୍ର (୩୮) । ଅବକାରୀ ବିଭାଗ ସୂଚନା ମୁତାବକ ସଦର ଥାନା ଅନ୍ତର୍ଗତ ଭାଟପଡା ପୋଡ଼ାପାଟଣା ଗାଁର ପଦ୍ମଲାଭ ସାହୁ ନିଜ ଘର ସମ୍ମୁଖରେ ବ୍ରାଉନ୍‌ସୁଗାର କାରବାର କରୁଥିବା ନେଇ ଏକ ବିଶେଷ ସୂତ୍ରରୁ ଖବରପାଇ ଚଢ଼ଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା।



# ବିପୁଳ ମଦ ଜବତ:୨ ମହିଳାଙ୍କ ସମେତ ୮ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ପ୍ରଭାକରପୁର ଗ୍ରାମର କାଳିଆ ଖିଲାରଙ୍କ ଠାରୁ ୪୦୯ ଲିଟର ଦେଶୀ ରନ୍ଧା ମଦ, ଶ୍ୟାମସୁନ୍ଦର ରାଉତଙ୍କ ଠାରୁ ୪୨୧ ଲିଟର ଦେଶୀ ରନ୍ଧା ମଦ, ଶୁକ ଖିଲରଙ୍କ ଠାରୁ ୫୪୫ ଲିଟର ଦେଶୀ ରନ୍ଧା ମଦ, ରଜତ ରାଉତଙ୍କ ଠାରୁ ୪୯୧ ଲିଟର ଦେଶୀ ରନ୍ଧା ମଦ ଓ ରାଜେଶ ସେଠୀଙ୍କ ଠାରୁ ୩୧୧ ଲିଟର ଦେଶୀ ରନ୍ଧା ମଦ, ତିଖିରି ଗ୍ରାମର କୁମାର ବେହେରାଙ୍କ ଠୁ ୩୨୫ ଲିଟର ଦେଶୀ ରନ୍ଧା ମଦ ଶସ୍ମିତା ବେହେରାଙ୍କ ଠୁ ୪୮୪ ଲିଟର ଦେଶୀ ରନ୍ଧା ମଦ ଓ ତିଖିରି ଗ୍ରାମର ଶସ୍ମିତା ବେହେରାଙ୍କ ଠାରୁ ୫୬୭ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ସମୁଦାୟ ୩୫୫୩ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୨ ମହିଳା ସମେତ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି । ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ କହିଛନ୍ତି। ଏହି ଚଢ଼ଉରେ ଅବକାରୀ ନିରିକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ କଳ୍ପନା ରାଉତ ଓ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ସାଦା ପୋଷାକଧାରୀ ପୋଲିସକୁ ଅପହରଣକାରୀ ଭାବି ନିର୍ଦ୍ଧୁମ ମାଡ଼

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**



ସାଦା ପୋଷାକଧାରୀ ପୋଲିସକୁ ଅପହରଣକାରୀ ଭାବି ନିର୍ଦ୍ଧୁମ ମାଡ଼ ମାରିଲେ ସାଧାରଣ ଲୋକେ । ଶେଷରେ ତୁମୁଡ଼ିବନ୍ଧ ପୋଲିସକୁ ଡାକି ପୋଲିସର ଜିମା ଦେଇଥିବା ଜଣାପଡ଼ିଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁର୍ତ୍ତମଗଡ଼ ଅଞ୍ଚଳରେ । ସୂଚନା ପ୍ରକାରେ ଜଣେ ଅପରାଧୀ ବାଲିଗୁଡ଼ା ଥାନା ଅଞ୍ଚଳରେ ଲୁଚି ରହିଥିବା ମୋବାଇଲ୍ ନମ୍ବର୍ ଟ୍ରାକିଂ ଦ୍ୱାରା ଜାଣିବାକୁ ପାଇଥିଲା କଳାହାଣ୍ଡି ଜିଲ୍ଲା ପୋଲିସ୍ । ସାଦା ପୋଷାକରେ ତିନିଜଣ ପୋଲିସ୍ ଏକ ଘରୋଇ କାର୍‌ରେ ମୋବାଇଲ୍ ଫୋନ୍ ନମ୍ବର୍ ଲୋକେସନ୍ ଟ୍ରାକିଂ କରିଥିବା ବାଲିଗୁଡ଼ା ଥାନା ଅନ୍ତର୍ଗତ ପରମପଙ୍ଗା ପଞ୍ଚାୟତର ସୁକୁଙ୍ଗିଆ ଅଞ୍ଚଳରେ ପହଞ୍ଚିବା ପରେ ନିଜ ପରିଚୟ ଲୁଚାଇ ସମ୍ପୃକ୍ତ ଅପରାଧିକୁ ଫୋନ୍ କରି ଡାକିଥିଲା ପୋଲିସ୍ । ଅପରାଧିକୁ ଧରିବା ପାଇଁ ପୋଲିସ୍ ଚେଷ୍ଟା କରୁଥିବା ବେଳେ ଅଭିଯୁକ୍ତ ଜଣକ ପୋଲିସକୁ ଜାଣିପାରି ଚତୁରତାର ସହ ସେଠାରୁ ଦୌଡ଼ି ଯାଇ ପାଟିକରି ତାକୁ କିଛି ଅଜଣା ଲୋକ ଅପହରଣ କରି ନେଇଯାଉଥିବା କହିଥିଲେ ଗାଁ ଲୋକଙ୍କୁ । ଘଟଣା ସମ୍ପର୍କରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଆଖପାଖ ଅଞ୍ଚଳରେ ଘଟଣା ବିଷୟରେ ପ୍ରଚାର କରିଦେଇଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରୁ ସାଦା ପୋଷାକଧାରୀ ପୋଲିସ୍ ଫେରିବା ବେଳେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁର୍ତ୍ତମଗଡ଼ ନିକଟସ୍ଥ ପନ୍ଦରମାଇଲ୍ ଛକ ନିକଟରେ କିଛି ଲୋକ ସାଦା ପୋଷାକଧାରୀ ପୋଲିସ୍ ଗାଡ଼ିକୁ ଅଟକାଇଥିଲେ । ଗାଡ଼ିରୁ ତଳକୁ ଓହ୍ଲାଇ ଲୋକଙ୍କୁ ନିଜ ପରିଚୟ ଦେଇଥିଲେ ପୋଲିସ୍ କର୍ମଚାରୀ । କିନ୍ତୁ ପୋଲିସ କର୍ମଚାରୀଙ୍କ କିଛି କଥା ନଶୁଣି ୫୯ ନଂ ଜାତୀୟ ରାଜପଥରେ ଗୋଡ଼ାଇ ଗୋଡ଼ାଇ ତିନିଜଣ ପୋଲିସ୍ କର୍ମଚାରୀଙ୍କୁ ନିର୍ଦ୍ଧୁମ୍ ମାଡ଼ ମାରିବା ସହ ପୋଲିସ୍ ରିଭଲଭର, ମୋବାଇଲ୍ ଏବଂ ସାତ ହଜାର ଟଙ୍କା ଛଡ଼ାଇ ନେଇଥିଲେ ଉତ୍ୟକ୍ତ ଲୋକେ । ଘଟଣା ସମ୍ପର୍କରେ ଖବରପାଇ ଘଟଣାସ୍ଥଳରେ ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସ ରିଭଲଭର, ମୋବାଇଲ୍ ଓ ଟଙ୍କା ମଧ୍ୟ ପୁନରୁଦ୍ଧାର କରି ଆହତ ପୋଲିସ କର୍ମଚାରୀଙ୍କୁ ଚିକିତ୍ସା କରାଇ କଳାହାଣ୍ଡି ପଠାଇ ଦେଇଥିବା ଜଣାପଡ଼ିଛି । ଅନ୍ୟପଟେ ଏନେଇ ତୁମୁଡ଼ିବନ୍ଧ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ନିର୍ମାଣର ଦୁଇ ବର୍ଷ ନପୂରୁଣୁ ଭୁଶୁଡ଼ିଲା ସ୍କୁଲ୍ ପାଚେରୀ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ଧରି ଚମ୍ପୁଆ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ କଚ୍ଚା ଘର ଗୁଡିକୁ ବିପଦ ସୃଷ୍ଟି ହୋଇଛି। ବର୍ଷା ବିପାତ ଯୋଗୁ ଅନେକ ସ୍ଥାନରେ ଘର ଭାଙ୍ଗି ଗରିବ ଓ ଆଦିବାସୀ ଲୋକେ ବେସାହାରା ହୋଇପଡୁଛନ୍ତି। ସନ୍ଧ୍ୟାରେ ବର୍ଷା ଯୋଗୁଁ ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମ ନାଳିଆ ସାହିରେ ଡାକ ମୁଣ୍ଡାଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭୁଷୁଡି ପଡିଛି । ସେହି ସମୟରେ ଡାକ ଓ ତାଙ୍କ ସ୍ତ୍ରୀ ବାଲମତି ଘରୁ ବାହାରି ଆସିବାରୁ ଅଳ୍ପକେ ଏକ ବିରାଟ ଅଘଟଣରୁ ବର୍ତ୍ତି ଯାଇଛନ୍ତି । ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବାରୁ ଡାକ ବେସାହାରା ହୋଇପଡିଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଲଗ୍ନ ବୃ / ୧ ୬ ଶୁ | ୧୧ | ଶ ୧୦ / ରା ୯ |
| ୨ ବୁ | ୧୨ / ୧୦ | ଚ ୮ |
| ୩ କେ ମ / ୪ | ୫ | ୭ / ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୩।୭।୨୦୨୫, ଆଷାଢ଼ ଦି୨୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୧୫।୩୧** **ଚନ୍ଦ୍ରୋଦୟ- ରାଘ ୮।୩୫।୦୬**

**ତୃତୀୟା-** ରାଘ ୧।୦୩ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ପ୍ରାଘ ୬।୫୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ସଂଘ ୬।୫୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ସଂଘ ୬।୫୨ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସଂହ ରାଶିର । ସଂଘ ୬।୫୨ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧।୦୩ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୪ ଗତେ ଦିଘ ୯।୪୧ ମଧ୍ୟେ । ଦିଘ ୧।୩୧ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ-** କର୍ମବୀର ଗୌରୀଶଙ୍କର ଜୟନ୍ତୀ ।



**ମେଷ:** ଆଜି ଯୁଆଡ଼େ ଗଲେ ବି ନିଜର କାମନା ପୂରଣ ହେବ । ସାମାନ୍ୟ ବିଳମ୍ବ ହେତୁ ବିରକ୍ତି ପ୍ରକାଶ ନକଲେ କର୍ମପ୍ରାପ୍ତି ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ସୁଖ ଶାନ୍ତି ଲାଭ ହେବ ।



**ବୃଷ:** କର୍ମକ୍ଷେତ୍ରରେ ନିଜର ନିଷ୍ଠାପରତା ହେତୁ ପ୍ରଶଂସା ଭାଜନ ହେବେ । ପରୋପକାର କରି ଆତ୍ମତୃପ୍ତି ଲାଭ କରିବେ । ଆୟର ପଥ ସୁଗମ ହେବ । ପର ପାଇଁ ଅସୁବିଧା ସୃଷ୍ଟି ହେବାର ସୂଚନା ।



**ମିଥୁନ:** ପୁରୁଣା କଥାକୁ ଭାବି ସମୟ ନଷ୍ଟ କରିବେ । ଜମି ଜମା କାର୍ଯ୍ୟରେ ଲାଗିପାରନ୍ତି । ଆୟ ଓ ବ୍ୟୟ ମଧ୍ୟରେ ତାରତମ୍ୟ ଦେଖାଦେବ । ଘରୋଇ କାରବାରରେ କାର୍ଯ୍ୟହାନୀ । ଶତ୍ରୁ ନାଶ ହେବାର ସୂଚନା ।



**କର୍କଟ:** ଆଜି ଆପଣଙ୍କୁ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳିବନାହିଁ । ପ୍ରତିବନ୍ଧକ ସୃଷ୍ଟି ହେବ । ଅଶାନ୍ତି ଅନୁଭବ କରିବେ । ରୋଜଗାର ସ୍ଥିର ରହିବ । କାରଣ ନଥାଇ କ୍ରୋଧଭାବ ଜାଗ୍ରତ ହେବ । ଗୃହେ ଦ୍ୱନ୍ଦ୍ୱ।



**ସିଂହ:** ପାରିବାରିକ ସମସ୍ୟା ଜଟିଳ ହେବ । ବନ୍ଧୁ ମତାନ୍ତର ଯୋଗ ରହିଛି । ପାରିପାର୍ଶ୍ୱିକ ଅବସ୍ଥା ଭଲ ରହିବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଦୂରଯାତ୍ରାରେ ଅସୁବିଧାର ଆଶଙ୍କା ମଧ୍ୟ ରହିଛି ।



**କନ୍ୟା:** ଭ୍ରମଣ ସୁଯୋଗ ସହିତ ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । ଦୂରଯାତ୍ରାରେ ଶୁଭଫଳ ମିଳିବ । କିଣିବା ପାଇଁ ଚାହୁଁଥିବା ଦ୍ରବ୍ୟ ନିମନ୍ତେ ବ୍ୟସ୍ତ ରହିବେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।



**ତୁଳା:** ମନ କଥା ମନରେ ରଖି କାର୍ଯ୍ୟ କ୍ଷେତ୍ରରେ ଆଗେଇ ଚାଲିବେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର ହେବ । କାର୍ଯ୍ୟ ସ୍ଥଗିତ ସମ୍ଭାବନା । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।



**ବିଛା:** ବିଭିନ୍ନ କାର୍ଯ୍ୟରେ ମନ ଖେଳାଇ ପ୍ରତିହତ ହେବେ । ନିଜର ନେତୃତ୍ୱ ବୃଦ୍ଧି ପାଇବ । ରୋଜଗାରରେ ସାମାନ୍ୟ ଉନ୍ନତି ହେବ । ପରିବାରରେ କଳହ ଓ ଅଶାନ୍ତିର ସୂଚନା । ବିବାଦୀୟ ଓ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ ।



**ଧନୁ:** ନିଜ ମନ ପସନ୍ଦର ଜିନିଷ ପ୍ରାପ୍ତି ପାଇଁ ମନରେ ଆକୁଳତା ପ୍ରକାଶ ପାଇବ । ସହଯୋଗରେ ବାଧାର ଆଶଙ୍କା । ରୋଜଗାରରେ ଅସନ୍ତୁଷ୍ଟ ହେବେ । ପାରିବାରିକ କ୍ଷେତ୍ରରେ ହତାଦର ହେବାର ସୂଚନା ।



**ମକର:** ଆଜିର ଯାତ୍ରାରେ ଆନନ୍ଦିତ ହେବେ । ସାଧାରଣ କଥା ପାଇଁ ମନରେ ଅଶାନ୍ତିର ସମ୍ଭାବନା । ଅନ୍ୟମାନଙ୍କ ମତକୁ ସମ୍ମାନ ଦେବାକୁ ବାଞ୍ଛନୀୟ । କୌଣସି ନୂତନ ଦ୍ରବ୍ୟ ପ୍ରାପ୍ତିର ସୂଚନା । ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ ।



**କୁମ୍ଭ:** ସଞ୍ଚିତ ଅର୍ଥ ଭିନ୍ନ ଦିଗରେ ଖର୍ଚ୍ଚ ହେବାର ସମ୍ଭାବନା ରହିଛି । ପରିବାରରେ ନୂତନ ବନ୍ଧୁଙ୍କ ପ୍ରସ୍ତାବ ଗ୍ରହଣୀୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଉତ୍ତମ ଅଟେ ।



**ମୀନ:** କେତେକ କ୍ଷେତ୍ରରେ ନିଜର ମତ ଆଗ୍ରହ ସହକାରେ ଦେବେ । କୌଣସି ସାର୍ବଜନୀନ କାର୍ଯ୍ୟରେ ଯୋଗଦାନ କରି ଆଧିପତ୍ୟ ଜାହିର କରିବେ । ରୋଜଗାର ବଢ଼ିବ । ଦେହ ଭଲ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୪।୭।୨୦୨୫, ଆଷାଢ଼ ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୫।୫୩** **ଚନ୍ଦ୍ରୋଦୟ- ରାଘ ୯।୧୨।୫୭**

**ଚତୁର୍ଥୀ-** ରାଘ ୧୨।୦୧ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ପ୍ରାଘ ୬।୪୯ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୨।୦୧ ଗତେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଘ ୧୦।୩୪ ମଧ୍ୟେ । ରାଘ ୯।୨୦ ଗତେ ଘ ୧୦।୩୧ ମଧ୍ୟେ ।

31 YEARS
ସମ୍ବାଦ କଳିକା

# ଅତିଧନୀ ଜନସଂଖ୍ୟାରେ ଜାପାନ

୨୦୨୩ ଏବଂ ୨୦୨୮ ମଧ୍ୟରେ ଭାରତରେ ଅତିଧନୀ ବା ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ(ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କ ସଂଖ୍ୟା ୫୦% ବଢ଼ିବ । ଏହା ସମଗ୍ର ବିଶ୍ୱରେ ହେବ ଦ୍ରୁତ ଅଭିବୃଦ୍ଧି । ମ୍ୟାକ୍‌କିନ୍‌ସେ ଆଣ୍ଡ୍ କମ୍ପାନି ଏବଂ ବିଓଏଫ୍ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଏହି ଅନୁମାନ କରାଯାଇଛି ।

୩ କୋଟି ଡଲାର ବା ତଦୁର୍ଦ୍ଧ ନେଟ୍ ସମ୍ପତ୍ତି ଥିବା ବ୍ୟକ୍ତିଙ୍କୁ ଅତିଧନୀ କୁହାଯାଇଥାଏ । ୨୦୨୩ ସୁଦ୍ଧା ଭାରତରେ ଏହି ବର୍ଗଙ୍କ ସଂଖ୍ୟା ଥିଲା ୧୩,୨୬୩ । ୨୦୨୨ ତୁଳନାରେ ଏଥିରେ ୬.୧% ବୃଦ୍ଧି ଘଟିଥିଲା । ଦ ଷ୍ଟେଟ୍ ଅଫ୍ ଫ୍ୟାଶନ୍ ଲକ୍‌ଜ୍ୟୁରୀ ରିପୋର୍ଟ ଅନୁସାରେ, ଜନସଂଖ୍ୟା ଏବଂ ସଂରଚନାତ୍ମକ ପରିବର୍ତ୍ତନଗୁଡ଼ିକ ଦ୍ୱାରା ୨୦୨୫ରେ ଭାରତୀୟ ଲକ୍‌ଜ୍ୟୁରୀ ବଜାରରେ ୧୫ରୁ ୨୦% ଅଭିବୃଦ୍ଧି ଅନୁମାନ ରହିଛି । ଏହା ମୁତାବକ ଜିଓ ୱାର୍ଲଡ ପ୍ଲାଜା ଏବଂ ଗ୍ୟାଲେରିଜ୍ ଲାଫାୟେଟ୍ ଭଳି ନୂଆ ଲକ୍‌ଜ୍ୟୁରୀ ମଲ୍ ଏବଂ ଡିପାର୍ଟମେଣ୍ଟାଲ ଷ୍ଟୋର ଟିୟର ୱାନ୍ ସହରରେ ଲକ୍‌ଜ୍ୟୁରୀ ରିୟଲ୍ ଇଷ୍ଟେଟ୍‌କୁ ବଢ଼ାଉଛି । ଏଥିରେ ଆହୁରି କୁହାଯାଇଛି ଯେ, ଯଦିଓ ବିଳାସ ସାମଗ୍ରୀରେ ୨୮% ସାମଗ୍ରୀ ଏବଂ ସେବା ଟିକସ ବା ଜିଏସ୍‌ଟି ରହିଛି ତଥାପି ୭,୦୦,୦୦୦ ଟଙ୍କା ବା ୮,୪୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ଆମଦାନି ସାମଗ୍ରୀଗୁଡ଼ିକ ଉପରେ ବର୍ଦ୍ଧିତ ଟିକସ ଦ୍ୱାରା ଘରୋଇ ବ୍ୟୟ ବଢିବ। ଏହା ଲକ୍‌ଜ୍ୟୁରୀ ବଜାରକୁ ତ୍ୱରାନ୍ୱିତ କରିବ ।

ରିପୋର୍ଟ ମୁତାବକ, ଭାରତ ତୁଳନାରେ ଜାପାନର ଲକ୍‌ଜ୍ୟୁରୀ ବଜାରରେ ୨୦୨୫ରେ ୬ରୁ ୧୦% ଅଭିବୃଦ୍ଧି ଦେଖାଦେବ । ଏଥିସହିତ ଏକ ପ୍ରମୁଖ ଲକ୍‌ଜ୍ୟୁରୀ ବଜାର ଭାବେ ଜାପାନ ଏହାର ସ୍ଥାନ ବଜାୟ ରଖିବ । ଜାପାନର ଲକ୍‌ଜ୍ୟୁରୀ ବଜାରରେ ବୃଦ୍ଧି ଘରୋଇ ଚାହିଦା ଏବଂ ପର୍ଯ୍ୟଟନ ଖର୍ଚ୍ଚ ଉଭୟ ଦ୍ୱାରା ପ୍ରେରିତ ହେବ । ନିକଟରେ ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ ଘୋଷଣା କରିଥିଲେ ଯେ, ଭାରତ ଜାପାନଠାରୁ ପାର ହୋଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା ପାଲଟିଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ତଥ୍ୟକୁ ଦର୍ଶାଇ ସେ କହିଥିଲେ ଯେ, ଭାରତର ଅର୍ଥବ୍ୟବସ୍ଥା ୪ ଟ୍ରିଲିୟନ ଡଲାରରେ ପହଞ୍ଚିଯାଇଛି । ରିପୋର୍ଟ ଅନୁସାରେ, ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ବା ଅତିଧନୀ ଜନସଂଖ୍ୟାରେ ଜାପାନ ଏସିଆର ଦ୍ୱିତୀୟ ବୃହତ୍ ରାଷ୍ଟ୍ର । ୨୦୨୩ରୁ ୨୦୨୮ ମଧ୍ୟରେ ଏଠାରେ ଅତିଧନୀଙ୍କ ସଂଖ୍ୟା ୧୨% ବଢ଼ିବା ନେଇ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ, ଭାରତରେ ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ଅଭିବୃଦ୍ଧି ଜାପାନଠାରୁ ଅଧିକ ରହିବ । ଆଇଏମ୍‌ଏଫ୍‌ର ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟ ରିପୋର୍ଟର ଏପ୍ରିଲ ସଂସ୍କରଣରେ କୁହାଯାଇଥିଲା ଯେ, ଆର୍ଥିକବର୍ଷ ୨୦୨୫- ୨୬ ପାଇଁ ଭାରତର ନୋମିନାଲ ଜିଡିପି ପ୍ରାୟ ୪.୧୮୭ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିପାରେ । ଏହା ଜାପାନର ସମ୍ଭାବ୍ୟ ଜିଡିପିଠାରୁ ସାମାନ୍ୟ ଅଧିକ, ଯାହାର ଅନୁମାନ ରହିଛି ୪.୧୮୬ ଟ୍ରିଲିୟନ ଡଲାର ।

ରିପୋର୍ଟରେ କୁହାଯାଇଛି ଯେ, ଗତ ୫ ବର୍ଷରେ ଲକ୍‌ଜ୍ୟୁରୀ ଶିଳ୍ପ ଅସାଧାରଣ ମୂଲ୍ୟସୃଜନ ଅବଧିକୁ ଅନୁଭବ କରିଛି । ୨୦୧୯ ଏବଂ ୨୦୨୩ ମଧ୍ୟରେ ଭାରତରେ ବ୍ୟକ୍ତିଗତ ଲକ୍‌ଜ୍ୟୁରୀ ସାମଗ୍ରୀ, ଫ୍ୟାଶନ୍, ହ୍ୟାଣ୍ଡବ୍ୟାଗ୍, ହାତଘଡ଼ି ଏବଂ ଆଭୁଷଣର ବୃହତ୍ ଚାହିଦା ଦେଖିବାକୁ ମିଳିଛି । ଚାହିଦା ଅନୁସାରେ ଯୋଗାଣ ବୃଦ୍ଧି ସହିତ ଏହା ଆଗକୁ ବାର୍ଷିକ ୫% ଚକ୍ରବୃଦ୍ଧି ଅଭିବୃଦ୍ଧି ସହ ବଢ଼ିବ ବୋଲି ଅନୁମାନ କରାଯାଇଛି । ଲକ୍‌ଜ୍ୟୁରୀ ବ୍ରାଣ୍ଡଗୁଡ଼ିକ ବିଶ୍ୱ ବଜାରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି ଏବଂ ବୃହତ୍ ମାତ୍ରାରେ ଲାଭ ଯୋଡ଼ିଛନ୍ତି। କିନ୍ତୁ ୨୦୨୫ରେ ଏଯାବତ୍ ଶିଳ୍ପ ସାମାନ୍ୟ ଧୀମା ରହିଛି । ଶୀର୍ଷ ବ୍ରାଣ୍ଡଗୁଡ଼ିକ ବି ପ୍ରଭାବିତ ହୋଇଛନ୍ତି । ଲକ୍‌ଜ୍ୟୁରୀ ମୂଲ୍ୟ ସୃଜନ କମିଛି । ଏହାସତ୍ତ୍ୱେ ଆଗକୁ ଲକ୍‌ଜ୍ୟୁରୀ ବଜାରରେ ବଡ଼ ଧରଣର ପରିବର୍ତ୍ତନ ଆସିବ ବୋଲି ଅନୁମାନ କରାଯାଇଛି ।

# କର୍ମବୀରର ଗୌରୀଶଙ୍କର ଓ ଓଡ଼ିଆ ଭାଷା ସୁରକ୍ଷା



ଦେବଦତ୍ତ ମିଶ୍ର
ବବକରପୁର, କେନ୍ଦ୍ରାପଡ଼ା
ମୋ -୯୦୪୦୭୦୦୩୦୩

ସମୟ ଥିଲା ୧୮୬୬ ମସିହା । ସାରା ରାଜ୍ୟରେ ନ'ଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର । ଲୋକେ ଖାଇବାକୁ ନ ପାଇ ପୋକମାଛି ପରି ମରିଥିଲେ । ଆଉ କେତେକ ଜୀବନ ବିକଳରେ ଗଛର ଚେର ଓ ତେନ୍ତୁଳି ପତ୍ର ଚୋବେଇବାକୁ ପଛେଇ ନଥିଲେ। ଏଭଳି ଏକ ଅଭାବନୀୟ ପରିସ୍ଥିତିରେ ଓଡ଼ିଶାରେ ଜନ୍ମ ନେଲା ରାଜ୍ୟର ପ୍ରଥମ ସମ୍ବାଦ ପତ୍ର 'ଉତ୍କଳ ଦୀପିକା' । ଯଦିଓ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଏବଂ ଓଡ଼ିଆ ସାହିତ୍ୟର ବିଭିନ୍ନ କୃତିକୁ ଲୋକଲୋଚନକୁ ଆଣିବା ନିମନ୍ତେ ଏହାର ପରିକଳ୍ପନା ହୋଇଥିଲା, ମାତ୍ର ନ'ଅଙ୍କ ଦୁର୍ଭିକ୍ଷ ସମୟର ଅକଳ୍ପନୀୟ ପରିସ୍ଥିତିରେ ଏହା ପ୍ରଥମେ ଦୁର୍ଭିକ୍ଷ ସମ୍ବନ୍ଧୀୟ ଲୋକଙ୍କ ସମସ୍ୟା ତଥା ପ୍ରଶାସନକୁ ତତ୍ ସଂକ୍ରାନ୍ତୀୟ ଅବଗତି କରାଇବା ନିମନ୍ତେ କାର୍ଯ୍ୟ କରିଥିଲା ।

ଏ ଦିଗରେ ଯାହାର ଭୂମିକା ଥିଲା ଉଲ୍ଲେଖନୀୟ ସେତେବେଳକୁ ସେ ମାତ୍ର ୨୭ ବର୍ଷ ବୟସର ଯୁବକ ଗୌରୀଶଙ୍କର ରାୟ। ଗୌରୀଶଙ୍କରଙ୍କ ଜନ୍ମ ୧୩ ଜୁଲାଇ ୧୮୩୮ ମସିହା କଟକ ଜିଲ୍ଲାର ଅସୁରେଶ୍ୱର ନିକଟବର୍ତ୍ତୀ ଏକ ଗ୍ରାମ ଦୀକ୍ଷିତପଡ଼ାରେ । ତାଙ୍କର ପୂର୍ବ ବଂଶଜ ଥିଲେ କାୟସ୍ଥ ବଙ୍ଗାଳୀ । ଗାଁ ପାଖରେ ଚାଟଶାଳୀ ଶିକ୍ଷା ସମାପ୍ତ କରି ସେ ସ୍କୁଲ୍ ଶିକ୍ଷା ପାଇଁ କଟକ ସ୍କୁଲ୍ (ବର୍ତ୍ତମାନର ରେଭେନ୍ସା କଲେଜିଏଟ୍ ସ୍କୁଲ୍) ରେ ନାମ ଲେଖାଇଲେ । ପରେ ଉଚ୍ଚତର ଶିକ୍ଷା ନିମନ୍ତେ କଲିକତାର ହୁଗୁଳିରେ ପଢୁଥିବା ସମୟରେ ଅଧାରୁ ପାଠ ବନ୍ଦ କରି ଫେରିଆସିଲେ ଓଡ଼ିଶା। ବାଲେଶ୍ୱର ଜିଲ୍ଲା ସ୍କୁଲ୍‌ରେ କିଛିଦିନ ଶିକ୍ଷକତା କରିବା ପରେ କଟକ କମିଶନ୍ ଅଫିସରେ ଅମଲା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ବାଲେଶ୍ୱରରେ ତାଙ୍କର ଶିକ୍ଷାଦାନ କାଳରେ ମଧୁସୂଦନ ଦାସ ଓ ରାଧାନାଥ ରାୟ ତାଙ୍କର ଛାତ୍ର ଥିଲେ ।

ତତ୍କାଳିକ ସମୟରେ ବଙ୍ଗାଳୀମାନଙ୍କର ଓଡ଼ିଆମାନଙ୍କ ପ୍ରତି ଓ ଓଡ଼ିଆ ଭାଷା ପ୍ରତି ଥିବା ହୀନମନ୍ୟତା ଖୁବ୍ ବ୍ୟଥିତ କରୁଥାଏ ଯୁବକ ଗୌରୀଶଙ୍କରଙ୍କୁ । ଏମିତିକି ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିବା କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାର ବିଲୋପ ନିମନ୍ତେ ହୀନ ଚକ୍ରାନ୍ତ କରିଥିଲେ । ଓଡ଼ିଆ ଭାଷା ପ୍ରତି ବିଦ୍ୱେଷ ଏପରି ଥିଲା ଯେ ଏକଦା ସେ କହିଥିଲେ 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନଏ' । ପରେ ପରେ ହିଁ ଆରମ୍ଭ ହୋଇଯାଇଥିଲା ଓଡ଼ିଆ ଭାଷା ସୁରକ୍ଷା ଦିଗରେ ଆନ୍ଦୋଳନ। ଆଉ ଏ ଆନ୍ଦୋଳନର କର୍ଣ୍ଣଧାର ଥିଲେ କର୍ମବୀର ଗୌରୀଶଙ୍କର ରାୟ । ସେ ହୃଦବୋଧ କଲେ ଓଡ଼ିଆରେ ଛାପାଖାନା ନ ଥିବାରୁ ଏହାର ବିଶେଷ ପ୍ରଚାର ପ୍ରସାର ହୋଇ ପାରୁନାହିଁ। ଏ ଦିଗରେ ସେ ଅଣ୍ଟା ଭିଡ଼ିଲେ । ଏ ଅଭାବକୁ ପୂରଣ କରିବା ପାଇଁ ସାଥି ବିଚିତ୍ରାନନ୍ଦ ଦାସଙ୍କୁ ଧରି ଆଗେଇ ଆସିଲେ। ଢେଙ୍କାନାଳର ରାଜା ଭାଗିରଥୀ ମହେନ୍ଦ୍ର ବାହାଦୂର ଓ ଅନ୍ୟାନ୍ୟ ଗଡ଼ଜାତ ରାଜାଙ୍କୁ ଏ ବିଷୟରେ ଅବଗତ କରାଇବା ପରେ ତାଙ୍କୁ କିଛି ଆର୍ଥିକ ସହାୟତା ମିଳିପାରିଥିଲା। ଶେଷରେ ୧୮୬୫ ମସିହାରେ ସ୍ଥାପନା କରାଗଲା 'କଟକ ପ୍ରିଣ୍ଟିଂ ପ୍ରେସ୍' ।

କଟକ ପ୍ରିଣ୍ଟିଂ ପ୍ରେସ୍ ସ୍ଥାପନ ହେବାର ପରବର୍ଷ ହିଁ ଓଡ଼ିଶାକୁ ପଡ଼ିଲା ନ'ଅଙ୍କ ଦୁର୍ଭିକ୍ଷର ଘୋର ବିପତ୍ତି। ଦୁର୍ଭିକ୍ଷ ସମୟରେ ଲୋକଙ୍କର ଦୁଃଖ ଓ ସମସ୍ୟା ସମ୍ପର୍କରେ ଇଂରେଜ ସରକାରଙ୍କୁ ଜଣାଇବାର କୌଣସି ମାଧ୍ୟମ ଓଡ଼ିଆଙ୍କ ନିକଟରେ ନ ଥିଲା । ଇଂରେଜ ଅଧିକାରୀମାନେ ସେମାନଙ୍କର ଦପ୍ତର ଅଧିକାରୀମାନଙ୍କ ରିପୋର୍ଟ୍ ଆଧାରରେ ପଦକ୍ଷେପ ନେଉଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ବଙ୍ଗାଳୀ । ତେଣୁ ରାଜ୍ୟର ସ୍ୱାର୍ଥ ପରିବର୍ତ୍ତେ ବଙ୍ଗୀୟ ଅଧିକାରୀମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ହିଁ ବିଶେଷ ପ୍ରତିଫଳିତ ହେଉଥିଲା। ଠିକ୍ ସେଇ ସମୟରେ ଓଡ଼ିଶାର ସ୍ୱାର୍ଥ, ଦୁର୍ଭିକ୍ଷର ଚିତ୍ର ତଥା ଲୋକମାନଙ୍କର ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ଗୌରୀଶଙ୍କରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'ଉତ୍କଳ ଦୀପିକା' ।



ପ୍ରଥମ କେତୋଟି ସଂଖ୍ୟାରେ ଦୁର୍ଭିକ୍ଷ ସମ୍ବନ୍ଧୀୟ ଖବର ପ୍ରକାଶ କରିବା ପରେ ଏହାର ମୂଳ ଲକ୍ଷ୍ୟ ସାଧନ ଦିଗରେ ପତ୍ରିକାଟି କାମ କରିଲା। ଓଡ଼ିଶାରୁ ଓଡିଆ ଭାଷାର ବିଲୋପ ଚକ୍ରାନ୍ତକୁ କଡ଼ା ବିରୋଧ କରି ଗୌରୀଶଙ୍କର ଖବରମାନ ପ୍ରକାଶ କରିଥିଲେ । ଯାହାକି ଜନ ଜାଗରଣ ସୃଷ୍ଟି କରିଥିଲା । ଏପରିକି ଏଥି ନିମନ୍ତେ ତାଙ୍କୁ ମାନହାନି ମୋକଦ୍ଦମାର ସମ୍ମୁଖୀନ ହେବାକୁ ପଡ଼ିଥିଲେ ମଧ୍ୟ ନିର୍ଭୀକ ଭାବରେ ଏହାର ସାମ୍ନା କରିଥିଲେ । ଗୌରୀଶଙ୍କରଙ୍କର ଏଭଳି ନିର୍ଭୀକତାକୁ ବ୍ୟାସକବି ଫକୀରମୋହନ ମୁକ୍ତକଣ୍ଠରେ ପ୍ରଶଂସା କରିଥିଲେ । ଆଉ ଏକ କଥା ସ୍ୱୀକାର୍ଯ୍ୟ ଯେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ଇଂରେଜ ସାହେବ ଜନ୍ ବୀମ୍ସଙ୍କର ଭୂମିକା କିଛି କମ୍ ନ ଥିଲା।

ଭାଷା ଆନ୍ଦୋଳନ ବ୍ୟତୀତ ଅନେକ ସାମାଜିକ ସଂସ୍କାର ଯଥା - ଜାତିପ୍ରଥା, ନାରୀଶିକ୍ଷା, ବାଲ୍ୟ ବିବାହ, ନିଶା ବିରୋଧରେ ସଚେତନତା କ୍ଷେତ୍ରରେ ଉତ୍କଳ ଦୀପିକା ଲେଖାମାନ ପ୍ରକାଶ କରିଥିଲା । ଲେଖାଗୁଡ଼ିକରେ ପ୍ରଭାବିତ ହୋଇ ଟି. ଇ ରେଭେନ୍ସା ସାହେବ କଟକ ପ୍ରିଣ୍ଟିଂ ପ୍ରେସ୍‌କୁ ଉଚ୍ଚ ପ୍ରଶଂସା କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

୧୯୩୬ ଏପ୍ରିଲ୍ ପହିଲାରେ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା । ଏଇ ଗୌରବମୟ ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ ଯୋଗଜନ୍ମା ମଧୁସୂଦନ ଓ ଗୋପବନ୍ଧୁଙ୍କ ପରି ଗୌରୀଶଙ୍କର ମଧ୍ୟ ନ ଥିଲେ । କର୍ମବୀର ଉପାଧିର ସାର୍ଥକତା ପ୍ରତିପାଦନ କରି ନିଜର କର୍ମମୟ ଜୀବନର ୭୮ ବର୍ଷ ଅତିବାହିତ କରି ୧୯୧୭ ମସିହାରେ ସେ ଇହଲୀଳା ସମ୍ବରଣ କରିସାରିଥିଲେ। ତାଙ୍କ ଅନ୍ତେ ଉତ୍କଳ ଦୀପିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ 'ସମ୍ବଲପୁର ହିତୈଷିଣୀ'ର ପୂର୍ବତନ ସମ୍ପାଦକ ନୀଳମଣି ବିଦ୍ୟାରତ୍ନ। ଦୀର୍ଘ ଏକସ୍ତରୀ ବର୍ଷ ଧରି ଓଡ଼ିଆ ଜାତିକୁ ଆଲୋକ ଦେଖାଇଥିବା ଉତ୍କଳ ଦୀପିକା ଓଡ଼ିଶାରୁ ଅସ୍ତମିତ ହେଲା ସେଇ ୧୯୩୬ ମସିହାରେ । ମାତ୍ର କର୍ମବୀର ଗୌରୀଶଙ୍କରଙ୍କର ତ୍ୟାଗ, କର୍ତ୍ତବ୍ୟ ଓ ନିଷ୍ଠା ଏବଂ ଉତ୍କଳ ଦୀପିକାର ଚିରନ୍ତନୀ ପ୍ରକାଶ ଯେ ଓଡ଼ିଆ ଜାତିକୁ ଆଲୋକ ପ୍ରଦାନ କରି ଚାଲିଥିବ ଏହା ନିଃସନ୍ଦେହ।

# ବିଶ୍ୱକୁ ଭାରତ ଦେଇଛି କ'ଣ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail:mayadharnayak2014@gmail.com

ଏଇ ବିଶ୍ୱରେ ଯେଉଁ ଭୂଖଣ୍ଡରେ ଯେଉଁମାନେ ରହିଥିଲେ ରହିଛନ୍ତି, କିଛି ଲୋଭ ଓ ଲାଭରେ ଏପାଖସେପାଖ ହୋଇଛନ୍ତି । ସେମାନଙ୍କ ଜ୍ଞାନ, ତତ୍ତ୍ୱ, ଉଦ୍‌ଭାବନ, ଶିକ୍ଷା, ଦୀକ୍ଷା ଯୋଗୁ ମଣିଷଜାତି ଉପକୃତ ହୋଇଛି – ଏବେ ମଧ୍ୟ ଉପକୃତ ହେଉଛି । ମଣିଷ ସବୁଠୁ ଉର୍ଦ୍ଧ୍ୱରେ । ତା' ଜାତି, ବର୍ଣ୍ଣ, ସଂପ୍ରଦାୟ କିଛି ନାହିଁ । ଭାରତର ମଣିଷରକ୍ତ ଲାଲ୍ – ଆମେରିକା, ଇଂଲଣ୍ଡ, ରୁଷ, ଜାପାନ, ଚୀନ୍, ଆଫ୍ରିକା ଇତ୍ୟାଦି ଖଣ୍ଡମଣ୍ଡଳବାସୀ ମଣିଷଙ୍କ ରକ୍ତ ମଧ୍ୟ ଲାଲ୍ । ଯେକୌଣସି ଦେଶର ହେଉ – ସେ ମଣିଷ ଯେତେବେଳେ ସମଗ୍ର ବିଶ୍ୱର ଚିନ୍ତାଭାବନା କରି ବିକାଶପାଇଁ କିଛି ସାଧନାର ମୂଳ ଦେଇଯାଏ – ସେ ମୂଳରୁ ଡାଳ, ଫୁଲପତ୍ର, ଫଳ - ଯୁଗଯୁଗଧରି ମଣିଷକୁ ଯୋଗାଇଆସିଛି ଅନାମୟତାର ଆବଶ୍ୟକ ଅମ୍ଳଜାନ। ଏଇ ମଣିଷ ଯେତେବେଳେ କିଛି ନିର୍ଜୀବ ନମୁନା ସୃଷ୍ଟି କରେ ତାହା ମଧ୍ୟ ବିଶ୍ୱବିକାଶରେ ସହାୟକ ହୁଏ । ହେଲେ ଅତିରୁ ଇତିହୋଇ ବିଶ୍ୱଧ୍ୱଂସର ସହାୟକ ହୁଏ ଅନେକ ଅପନିର୍ମାଣ।

କେଉଁ ଦେଶର ମହାତ୍ମାମାନେ ବିଶ୍ୱକୁ କ'ଣ କ'ଣ ଦେଇଛନ୍ତି – ତାହାର ଇତିହାସ ବଡ଼ ଲମ୍ବା । ଆମେ ଏଠାରେ କେବଳ ଏ ବିଶ୍ୱକୁ ଭାରତବର୍ଷ କ'ଣ ଦେଇଛି – ସେହି ବିଷୟରେ ଆଲୋଚନା କରିବା। ଭାରତ ପୃଥିବୀକୁ ଦେଇଛି ବେଦବାଣୀ, ରାମକାହାଣୀ, ମହାଭାରତ, ଗୀତା, ଗୀତାଞ୍ଜଳି, ଗଙ୍ଗାଜଳ, ପୁଣି ନୋଷ୍ଟ୍ରାଡମସ୍‌ଙ୍କ ଭଳି ଭେଙ୍ଗାବାବା ଏବଂ 'ନାସା', ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା, ବିଶ୍ୱପର୍ଯ୍ୟାବରଣ ସଂସ୍ଥା, ବିଶ୍ୱ ମୁଦ୍ରାପାଣ୍ଠି, ଜାତିସଂଘ ଆକଳନଠୁ ଆରମ୍ଭ କରି ବିଭିନ୍ନ ଭବିଷ୍ୟବାଣୀର ପରମ୍ପରାଠୁ ଅନ୍ୟୂନ ୬୦୦ବର୍ଷ ତଳେ ସର୍ବଜନପୂଜ୍ୟ ସନ୍ଥ ମହାତ୍ମା ହାଡିଦାସ ମାଳିକାର ବିଶ୍ୱବିଖ୍ୟାତ ଭବିଷ୍ୟବାଣୀ। ସତ୍ୟ, ତ୍ରେତୟା, ଦ୍ୱାପରଯୁଗ ପରେ ଏବେ ଆମେ କଳିଯୁଗ ଶେଷାର୍ଦ୍ଧରେ ଉପନୀତ ବୋଲି କୁହାଯାଏ। ବର୍ତ୍ତମାନ ପୃଥିବୀରେ ଆଠଶହକୋଟି ଜନସଂଖ୍ୟା । ଆମ ଭାରତ ଏକନମ୍ବରରେ ୧୪୨କୋଟି ୮୬ଲକ୍ଷ । ଚୀନ୍‌କୁ ସୁଦ୍ଧା ଏବେ ପକାଇଦେଲାଣି ପଛରେ । ଅବଶ୍ୟ ଆମେ ଦୁଃଖୀଭାରତୀୟ । ଖୁସି ତାଲିକାର ୧୪୮ଦେଶ ମଧ୍ୟରୁ ଆମ ନମ୍ବର ୧୩୬ ।

ସତ୍ୟଯୁଗରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦୁର୍ଗା, କାଳୀ, ସରସ୍ୱତୀ, ଗଣେଶ, ନାରଦ ପ୍ରମୁଖ ଦେବଦେବୀ ସାରା ବିଶ୍ୱପାଇଁ ଥିଲେ ବିଶ୍ୱାସର ବରାଭୟମୁଦ୍ରାରେ ବିରାଜିତ। କିନ୍ତୁ ଭାରତବର୍ଷରେ ତ୍ରେତୟାଯୁଗରେ ରାମ-ରାବଣ ଯୁଦ୍ଧରୁ ରାମାୟଣ ମହାକାବ୍ୟ ସୃଷ୍ଟି ହୋଇଛି । ଆଜି ବି ରାମ-ଲକ୍ଷ୍ମଣ-ସୀତା-ହନୁମାନ କାହାଣୀ ଘରେଘରେ ଶୁଣାଯାଉଛି । ସିନେମା, ଟିଭି, ସିରିଏଲରେ ଦେଖିଆସିଲେଣି ବେଜାୟ ବର୍ଷ। ରାମଙ୍କର ରାଜାଭିଷେକବେଳେ ଅଯୋଧ୍ୟାରେ ଷୋଳହଜାର ସାଧୁସନ୍ଥ ଥିଲେବି ମାତ୍ର ୮ଜଣ – (୧) ବଶିଷ୍ଠ, (୨) ବାମଦେବ, (୩) ଜାପାଳୀ, (୪) କାଶ୍ୟପ, (୫) କାର୍ତ୍ତାୟନ, (୬) ଗୌତମ, (୭) ବିଜୟ, (୮) ସୂର୍ଯ୍ୟଙ୍କ ଋଷି ବିଶେଷଭାବରେ ଆମନ୍ତ୍ରିତ ହୋଇ ଯୋଗଦେଇଥିଲେ । ପୂର୍ବରୁ ରାବଣ ସୀତାଙ୍କୁ ଚୋରାଇନେଇଥିବା ସମୟରେ ତାଙ୍କୁ ଠାବ କରିବାପାଇଁ ୮ଜଣ ସେନାପତି ଯାଇଥିଲେ । ସେମାନେ ହେଲେ – (୧) ହନୁମାନ, (୨) ଅଙ୍ଗଦ, (୩) ନଳ, (୪) ନୀଳ (୫) ଜାମ୍ବବାନ, (୬) ସୁଶେତି, (୭) ମହୀନ୍ଦ୍ର, (୮) ତ୍ରିବିନ୍ଦ । ଏସବୁ ରାମକାହାଣୀ ରାମାୟଣରେ ଅଛି ।

ଦ୍ୱାପରଯୁଗରେ ମହାଭାରତ ମହାକାବ୍ୟ, ଗୀତାଭାଗବତ ଶ୍ରେଷ୍ଠଦାନ । ସେଇ ଭଗବାନ ଶ୍ରୀକୃଷ୍ଣଙ୍କର ଅଷ୍ଟପାଟରାଣୀ ଥିଲେ । ସେମାନେ ହେଲେ – (୧) ରୁକ୍ମିଣୀ, (୨) ସତ୍ୟଭାମା, (୩) ଜାମ୍ବବତୀ, (୪) କାଳିନ୍ଦୀ, (୫) ମିତ୍ରବିନ୍ଦା, (୬) ନଗ୍ନଜୀତୀ, (୭) ଭଦ୍ରା, (୮) ଲକ୍ଷ୍ମଣା। ଗୁରୁଙ୍କ ଗୁରୁ ମହାଗୁରୁ ବ୍ୟାସଦେବ ମହାଭାରତ ମହାକାବ୍ୟ ରଚନା କରିଥିଲେ । ଭାଗବତରେ ଅଷ୍ଟଭାବ ହେଲା – (୧) ପ୍ରେମ, (୨) ସ୍ନେହ, (୩) ମାନ୍ୟ, (୪) ପ୍ରଣୟ, (୫) ରାଗ, (୬) ଅନୁରାଗ, (୭) ଭାବ, (୮) ମହାଭାବ।

କଳିଯୁଗରେ ଆମେ ଏ ପର୍ଯ୍ୟନ୍ତ ବିଶ୍ୱକୁ ଦେଇଛେ କ'ଣ ? ବେଦସଂସ୍କୃତ – ଋକ୍‌ବେଦ, ସାମବେଦ, ଯଜୁର୍ବେଦ, ଅଥର୍ବବେଦ । ଏଥିସହିତ ଧର୍ମ, ଦର୍ଶନ, ଗଣିତ, କଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ ଆଦି ପ୍ରତ୍ୟେକକ୍ଷେତ୍ରରେ ଅବିସଂବାଦିତ ଅବଦାନ । ମହାନ୍ ବିଶ୍ୱସଂସ୍କୃତି, ଗଣସଂସ୍କୃତି, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ସାମ୍ୟ, ମୈତ୍ରୀ ଓ ଐକ୍ୟର ପ୍ରତୀକ ଭାବେ ପୁରୀରୁ ସାରାବିଶ୍ୱକୁ ବ୍ୟାପିଛି। ଗଣିତଜ୍ଞ ରାମାନୁଜ୍‌ଙ୍କ ଶୂନ୍, ଜିରୋର ଉଦ୍‌ଭାବନ ସାରାବିଶ୍ୱରେ ବିରଳ । ଗୌତମ ବୁଦ୍ଧ ଅଷ୍ଟଚେକା ଘାସରେ ବସି ତପସ୍ୟା ସାରିବା ପରେ ବିଶ୍ୱକୁ ଅଷ୍ଟାଙ୍ଗିକ ମାର୍ଗଦେଇଥିଲେ । ୨୦୮୩ବର୍ଷ ତଳେ ଭୋଗ-ଉପଭୋଗ ଭିତରୁ ମହିମାମନ୍ତ୍ରରେ ପହଞ୍ଚିଥିଲେ । ଜ୍ଞାନ ଓ ଧ୍ୟାନର ନୂତନମାର୍ଗ, ମୁକ୍ତିର ମାର୍ଗ 'କାମନାର ବିନାଶରେ ଦୁଃଖର ବିନାଶ' ଉତ୍ତମମାର୍ଗ ଜଗତଜୀବନ ଉଦ୍ଧାରକରିବାକୁ ଅନ୍ଧକାରରୁ ଆଲୋକ ନିର୍ବାଣମନ୍ତ୍ର ଦେଇଯାଇଛନ୍ତି । ଏଇ ଓଡିଶାର ସନ୍ଥକବି ଭୀମଭୋଇଙ୍କ ଭୁବନମୋହନ ଭାବୋତ୍ସବ – "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁଦେଖୁ କିବା ସହୁ – ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ" – ଏଇ ପଦକ ସାରାବିଶ୍ୱରେ ଶ୍ରେଷ୍ଠ । ମହାତ୍ମା ଗାନ୍ଧୀଙ୍କ 'କର ବା ମର' ନେତାଜୀ ସୁଭାଷ ବୋଷଙ୍କ "ମୋତେ ରକ୍ତ ଦିଅ, ମୁଁ ତମକୁ ସ୍ୱାଧୀନତା ଦେବି" – ଏ ଆହ୍ୱାନ ସାରାବିଶ୍ୱରେ ଅନନ୍ୟ।

ଯେଉଁ ଭାରତବର୍ଷର ମହାତ୍ମାମାନେ ସମଗ୍ରବିଶ୍ୱକୁ ତାଙ୍କର ଅମର ଅବଦାନ ଦେଇଯାଇଛନ୍ତି – ଏବେ ସେଇ ଭାରତବର୍ଷରେ ଧନରାକ୍ଷସମାନଙ୍କର ତାଣ୍ଡବଲୀଳା ଚାଲିଛି । ଠକ, ଚଂଚକ, ଚୋର, ଡକାୟତ, ରାଜକୋଷଲୁଟେରାମାନେ ନିଜଦେଶ ବିଦେଶକୁ ମଧ୍ୟ ଠକି, ଜାଲ୍, ଜୁଆଚୋରିକରି ବିଶ୍ୱରେ ୨ନମ୍ବର ଧନୀ ହୋଇଗଲେ । ଆଉଜଣେ ପବନବିକି ଦେଶରେ ଏକନମ୍ବର ଧନୀ । ଆଉଜଣେ ଲୁଣଠୁ ଉଡାଜାହାଜ ବିକି ଦୁର୍ବୁଦ୍ଧି ପାଇଁ ଏବେ ତଳକୁ ଖସୁଛି । ସେମାନେ ଜାଲିଆତିର ଜାଲରେ ଧରାପଡି ଏବେ ବଦନାମ ଗଳିର ବାଦଶାହା । ସେମାନଙ୍କ ଠକାମି ଭାରତକୁ ବିଶ୍ୱରେ ବଦନାମ୍ କରିଦେଇଛି। ପୁଣି ଭେଜାଲ୍ ବିଷର ଭଣ୍ଡାରରେ ଭାରତ ଅଗ୍ରଣୀ । ସବୁଦେଶଭଳି ଭାରତ ମଧ୍ୟ ମିଛରାଜନୀତିରେ ମାତିଛି । ରାଜନୀତିରେ ନୀତି, ଆଦର୍ଶ ବୋଲି କିଛି ନାହିଁ । ଏବେ ବିଶ୍ୱକୁ ଭାରତ ନକାରାତ୍ମକ ସନ୍ଦେଶ ଦେଉଛି । ମୋବାଇଲ, କମ୍ପ୍ୟୁଟର ଉଦ୍‌ଭାବନ ଯୋଗୁ ବିଶ୍ୱବ୍ରହ୍ମାଣ୍ଡରେ କ'ଣ ସବୁ ଘଟିଯାଉଛି କ୍ଷଣିକମଧ୍ୟରେ ଗଣମାଧ୍ୟମରେ ବିଶ୍ୱବାସୀ ଜାଣୁପାରୁଛନ୍ତି । କୌଣସି ଦେଶ ଲୁଚାଛପାରେ କିଛି କଲେ କି କିଛି କହିଲେ – ସବୁ ପ୍ରଘଟ ହୋଇଯାଉଛି। ସଂଗେସଂଗେ ସମସ୍ତେ ଦେଖୁଛନ୍ତି, ଶୁଣୁଛନ୍ତି, ପଢୁଛନ୍ତି । ଯେତେ ମିଛ କହି ବାହାଦୁରି ମାରିଲେ ବି ସେସବୁ ଇତିହାସର ଅଳିଆଗଦାରେ ପଡିବାକୁ ବାଧ୍ୟ।

ବିଶ୍ୱରେ ଯେତେସବୁ ଅଘଟଣ, ରକ୍ତପାତ, ଦୁର୍ଘଟଣା, ଅମାନବୀୟ କାର୍ଯ୍ୟ ଆମେରିକା, ରୁଷ, ଚୀନ୍, ଭାରତ, ପାକିସ୍ତାନ, ଉତ୍ତରକୋରିଆ, ଫ୍ରାନ୍‌ସ୍, ଇଂଲଣ୍ଡ, ଗ୍ରୀସ୍, ଆଫ୍ରିକା ପ୍ରମୁଖ ଦେଶରେ ଚାଲିଛି । ଏଇସବୁ ଦେଶର ମହାତ୍ମାମାନଙ୍କର ଅବଦାନ ବିଶ୍ୱକୁ ଅନେକ କିଛି ଦେଇଛି । ତାଙ୍କ ଉତ୍ତର-ଦାୟାଦମାନେ କିନ୍ତୁ ଏବେ ଖାଲି ବିଶ୍ୱକୁ ବିଷ ବାଣ୍ଟିବାରେ ବ୍ୟସ୍ତ । ଏ ଦେଶର ଅତୀତକୁ ଯେଭଳିଭାବେ ବିଶ୍ୱ ସ୍ମରଣ କରୁଛି – ବର୍ତ୍ତମାନକୁ ଘୃଣା କରିବାରେ ଲାଗିଛି । ଭବିଷ୍ୟତରେ ଏ ଦେଶମାନଙ୍କ ଭିତରୁ କେହିନାକେହି ମହାତ୍ମା ଆବିର୍ଭାବ ହୋଇ ସମଗ୍ର ବିଶ୍ୱକୁ ଆଲୋକିତ କରିପାରନ୍ତି । ୫୦୦ବର୍ଷ ପୂର୍ବରୁ ବିଶ୍ୱବିଖ୍ୟାତ ଭବିଷ୍ୟବିତ୍ ନଷ୍ଟ୍ରାଡମସ୍ ଯେଉଁ ଭବିଷ୍ୟତବାଣୀ ଶୁଣାଇଯାଇଥିଲେ ୬୦୦ବର୍ଷ ପୂର୍ବରୁ ମଧ୍ୟ ମହାତ୍ମା ହାଡିବନ୍ଧୁ ଦାସ 'ହାଡିଦାସ ମାଳିକା' ରଚନା କରିଯାଇଛନ୍ତି । ଏ ଦୁଇମହାତ୍ମାଙ୍କ ବାଣୀ ଆଜିର ବୈଜ୍ଞାନିକମାନଙ୍କ ଗବେଷଣାରୁ ପ୍ରକାଶ ପାଉଛି । ସେମାନେ ମଧ୍ୟ ଭବିଷ୍ୟତର ବିପଦ ସଂପର୍କରେ ସୂଚନା ଦେଉଛନ୍ତି ।

ଆଜି ସମଗ୍ରବିଶ୍ୱରେ ଅସୁମାର ଅଘଟଣ ହଠାତ୍ ହଠାତ୍ ଘଟିଯାଉଛି । ଭୋକ ଓ ରୋଗ ମାଡିଆସୁଛି । ମଣିଷ ଧନଦାନବ ପାଲଟିଯାଉଛି । ବିଜ୍ଞାନର ବିକାଶଦିଗକୁ ନଚାହିଁ ବିନାଶଆଡେ ମୁହାଁଇଛେ - ଯାହାଫଳରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଆଜି ଥରହର । ଏଭଳି ଅବସ୍ଥାରେ ଏଇ ୨୦୨୩ ଜୁଲାଇ ମାସରେ ଏ ଲେଖକ ଅତୀତ, ବର୍ତ୍ତମାନକୁ ଗଭୀରଭାବେ ଅନୁଧ୍ୟାନକରି ଅଭିଜ୍ଞତାରୁ ଭବିଷ୍ୟତରେ କ'ଣ କ'ଣ ସବୁ ଘଟିବ – ସମସ୍ତଙ୍କ ବାଣୀକୁ ଚିପୁଡି 'ବିଶ୍ୱଭବିଷ୍ୟବାଣୀ' ପୁସ୍ତକ ରଚନା କରିଛି । ଏ 'ବିଶ୍ୱଭବିଷ୍ୟବାଣୀ' ଅଜସ୍ର ଅଗ୍ନିକଣାରେ ପ୍ରସ୍ତୁତ । ଏ ଗୋଟିଏ ଭବଷ୍ୟତର ପରମାଣୁବୋମା – ଏଇ ପରମାଣୁବୋମା ଛାରଖାର୍ କରିଦେଇପାରେ ରାକ୍ଷସରାଜର ଛତ୍ରଛାଉଣୀ । ଏ 'ବିଶ୍ୱଭବିଷ୍ୟବାଣୀ' ଆଜି ନହେଲେ କାଲି ସତହେବାକୁ ଯାଉଛି – ସେତେବେଳେ ଏ ଲେଖକ ଥିବ କି ନଥିବ । ଯେଉଁମାନେ ବଂଚିରହିଥିବେ – ସେମାନେ ହୁଏତ କହିପାରନ୍ତି - 'ବିଶ୍ୱଭବିଷ୍ୟବାଣୀ' ବିଶ୍ୱକୁ ଏକ ମହାନ୍ ଅବଦାନ ।

# ଅମା ଅନ୍ଧାର ଘେରାରେ ନିଦ୍ରାରତ ମାନବିକତା !



କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ୍.ଏଲ) ଓ
ଆଇନ୍‌ଜୀବୀ
ମୋ: ୯୪୩୭୦୪୧୩୦୦

ଆଶା ଓ ମରିଚିକାର କୁହେଳିକା ମଧ୍ୟରେ ସୃଷ୍ଟି ହେଉଛି ନିଷ୍ପେସିତ ମଣିଷ ମନରେ ପ୍ରଶ୍ନବାଚୀ। ଜୀବନର ସ୍ଥିତି ଏବଂ କ୍ରମଶଃ ଦ୍ରୁତ ଅବକ୍ଷୟଗାମୀ ମାନବିକତାର ଅମା ଅନ୍ଧାର ଘେରାରେ ନାକେଦମ ହୋଇ ମନରେ ଅହେତୁକ ପ୍ରଶ୍ନ। ଆଜିର ସମାଜରେ ମଣିଷ କିଏ? ଏହି ପ୍ରଶ୍ନ ମଣିଷ ମନକୁ ବେଶି ଦଂଶନ କରିବାରେ ଲାଗିଛି ୨୨ ଏପ୍ରିଲ୍ ୨୦୨୫ ପେହେଲଗାଁଓ ଘଟଣା ପରଠାରୁ। ଏହି ଦିନଟି ଭାରତରେ ତଥା ସାରା ବିଶ୍ୱପାଇଁ ଏକ କଳଙ୍କିତ ଅଧ୍ୟାୟ ଯେଉଁ ଦିନ ମାନବିକତା ଭୂସ୍ଖଳନର କାଳିମାମୟ କାହାଣୀକୁ ଇତିହାସ ତା'ର ପୃଷ୍ଠାରେ ଲିପିବଦ୍ଧ କରିଅଛି । ପେହେଲ୍‌ଗାଁଓ ଠାରେ ୨୬ଜଣ ନିରିହ ଜନତାଙ୍କୁ ଧର୍ମ ପଚାରି ଗୋଟିଏ ପରେ ଗୋଟିଏ ଗୁଳିବିଦ୍ଧ କରି ହତ୍ୟାକରିବା କ'ଣ ମନୁଷ୍ୟତା? ତେଣୁ ଏହି ସବୁ ଘଟଣା କ୍ରମକୁ ଅନୁଧ୍ୟାନ କଲେ ଜଣାପଡୁଛିଯେ କ୍ରମଶଃ ମାନବିକତା ଆଜି ଅବକ୍ଷୟଶୀଳ। ସାରା ବିଶ୍ୱରେ ଆଜି ମାନବିକତାର ମରୁଡି। ଧନ କୁବେର, ମନ କାଙ୍ଗାଳ ଓ କଥାକୁହା କପିଳାମାନଙ୍କର ଅଜସ୍ର ପଟୁଆରରେ ମେଦିନୀ ପ୍ରକମ୍ପିତ। 'ମୁଁ' ରୂପକ ମହିଷାସୁର ଆଜି ବ୍ୟକ୍ତି ସତ୍ତାରେ, ସମାଜ ସତ୍ତାରେ, ରାଷ୍ଟ୍ର ସତ୍ତାରେ ଏବଂ ସର୍ବୋପରି ବିଶ୍ୱସତ୍ତାରେ ନିଜର ଆସ୍ଥାନ ସୁଦୃଢ କରିବାରେ ବ୍ୟସ୍ତ। ଏଠାରେ କହି ରଖେ ଯେ ବ୍ୟକ୍ତି ହିଁ ସମାଜକୁ ଗଢେ। ଉତ୍ତମ ବ୍ୟକ୍ତି 'ସତ୍ତାର ଉତ୍ତୋରଣ- ସମାଜର ଉତ୍ତୋରଣ' - ଓ ଉଭୟ ଗୋଟିଏ ମୁଦ୍ରାର ଦ୍ୱୟଃ ପାର୍ଶ୍ୱ । ସର୍ବୋପରି ରାଷ୍ଟ୍ର ସତ୍ତାରେ କର୍ମ ହିଁ ଧର୍ମର ସଜ୍ଞା ନିରୂପଣ କରେ। ଆଜି ଦେଖନ୍ତୁ ତ ଗୋଟିଏ ଦେଶର ରାଷ୍ଟ୍ରସତ୍ତାର ମୁଖ୍ୟ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କିଙ୍କର ଅବସ୍ଥା? 'ମୁଁ' ର ଉପତ୍ୟକାରେ ପରିଭ୍ରମିତ ହୋଇ ନିଜର ଜିଦ୍ ଓ ସତ୍ତାର ଲୋଭରେ ଚାଟୁକାର ଏବଂ ବିଶ୍ୱର କୁଖ୍ୟାତ ସୌଦାଗରଙ୍କ ହାତବାରିସୀ ସାଜି ସୁନ୍ଦର ସ୍ୱର୍ଗସମ ରାଜ୍ୟକୁ ଧ୍ୱଂସ ମୁଖକୁ ଠେଲିଦେଲେ। ତେଣୁ ଜଣେ ରାଷ୍ଟ୍ରନାୟକ ଭାବେ କିପରି ଭାବରେ ତାଙ୍କର ମାନବିକତା ଗୁଣର ଅବକ୍ଷୟ ହେଲା ଏବଂ ସେହି ଅବକ୍ଷୟଗାମୀ ମାନବିକତାର ପରିପ୍ରକାଶରେ ଦେଶର ନିରୀହ ଜନ ସମାଜ, ନିଷ୍ପାପ ଶିଶୁ, ମହିଳା ଏବଂ ବୃଦ୍ଧମାନେ ମୃତ୍ୟୁ ମୁଖକୁ ଚାଲିଗଲେ। ଅନେକ ଦେଶାନ୍ତର ହେଲେ ଏବଂ ଯେଉଁମାନେ ମୃତ୍ୟୁ ମୁଖରୁ ଜୀବିତ ସେମାନଙ୍କର ଅବସ୍ଥା ଆଜି କ'ଣ? ଆଜି ଦେଶରେ କିଛି ସ୍ୱେଚ୍ଛାଚାରୀ ରାଜନୀତିକ ତତ୍ତ୍ୱ ନିଜର ସଂକୀର୍ଣ୍ଣ ସ୍ୱାର୍ଥକୁ ଋଦ୍ଧିମନ୍ତ କରିବା ପାଇଁ ଯେଉଁଳି ଭାବରେ ନିଜ ନିଜର ମାନବିକତାକୁ ପଛରେ ପକାଇ ଦେଶର ସାର୍ବଭୌମତ୍ୱକୁ ବିପନ୍ନ କରିବାର ପ୍ରଚେଷ୍ଟା ଜାରି ରଖିଛନ୍ତି ସେମାନେ ଅନୁଭବ କରିବା ଉଚିତ୍ ଯେ ହୋମାଗ୍ନିରେ ଘୃତର ଆହୂତି ଦିଆସାରିବା ପରେ ସେଥିରୁ କେବଳ ଲେଲିହାନ ଅଗ୍ନିଶିଖା ହିଁ ବାହାରେ। ତେଣୁ ସେମାନେ ମନେରଖିବା ଉଚିତ୍ ଯେ ରାଷ୍ଟ୍ର ପ୍ରଥମ ଏବଂ ସର୍ବୋପରି। ତେଣୁ ମହର୍ଷି ଦଧିଚିଙ୍କ ଦୃଢ ମାନବିକତା ଏବଂ ଦେଶପ୍ରେମ ଦିନେ ଦେବତାମାନଙ୍କୁ ସେହି ଦୁଷ୍ଟ ଅସୁର ବୃତ୍ତାସୁର କବଳରୁ ଉଦ୍ଧାର କରିଥିଲା। ସେ ନିଜର ଶରୀରକୁ ତ୍ୟାଗକରି ନିଜ ଅସ୍ଥିକୁ ଇନ୍ଦ୍ରଙ୍କୁ ସମର୍ପଣ କରିଥିଲେ। ସେ ଅସ୍ଥିରେ ନିର୍ମିତ ବଜ୍ରଦ୍ୱାରା ମହାଦାନବର ଅନ୍ତ ଘଟିଥିଲା। ଏହା ମାନବତାବାଦର କେତେବଡ଼ ଜ୍ୱଳନ୍ତ ଉଦାହାଣ ସତରେ! ମହାନ ଦାର୍ଶନିକ ଡାୟୋନିସିସ୍ ଦିନର ପ୍ରଖର ଖରାରେ ଗୋଟିଏ ଲଣ୍ଠନ ଧରି କିଛି ଖୋଜୁଥିଲେ। ତାଙ୍କୁ ଦିନରେ ଏପରି ଲଣ୍ଠନ ଧରି ଖୋଜିବାର ଏହି ଦୃଶ୍ୟ ଆସ୍ତେ ଆସ୍ତେ ଜନସମୂହକୁ ଏକ ଉଭଟତା ଆଡକୁ ଆକର୍ଷିତ କରିସାରିଥିଲା। ସେହି ଜନ ସମୁଦ୍ରଭିତରୁ ଜଣେ ପ୍ରଶ୍ନକଲେ ସନ୍ଥ ମହାଶୟ, ଦିନର ଏହି ଉଦ୍ଦୀପ୍ତ ତେଜୋମୟ ଜ୍ୟୋତିରେ ଲଣ୍ଠନ ଧାରି ଆପଣ କ'ଣ ଖୋଜୁଛନ୍ତି ? ସେ ଉତ୍ତର ଦେଲେ ମୁଁ ମଣିଷ ଖୋଜୁଛି। ଜଣେ ଉଦ୍ଦଣ୍ଡ ବ୍ୟକ୍ତି ଉତ୍ତର ଦେଲେ ଆମେ କ'ଣ ମଣିଷପରି ଆପଣଙ୍କୁ ପ୍ରତୀୟମାନ ହେଉନାହୁଁ। ତାଙ୍କର ଉତ୍ତରଥିଲା ନା! ତୁମ୍ଭେମାନେ ମାନବ ନୁହଁ ବରଂ ମାନବ ଖୋଳପାଧାରୀ ଲୋକ। ୨୦୨୫ ହ୍ୟୁମ୍ୟାନ ଡେଭେଲପମେଣ୍ଟ ଇଣ୍ଡେକ୍ସରେ ୧୯୩ ଦେଶଭିତରୁ ଭାରତ ୧୩୦ ସ୍ଥାନରେ ଅଛି। ସୁଇଜରଲ୍ୟାଣ୍ଡ ପ୍ରଥମ ସ୍ଥାନରେ। ଆମର ମାନବ ସୂଚକାଙ୍କ ହେଲା ୦.୬୮୫ ଯାହା ୨୦୨୨ରେ ୧୩୩ତମ ସ୍ଥାନରେ ଥିଲା। ଏହାର ମୂଳ କାରଣ ହେଲା ମାନବିକତା ମୂଲ୍ୟବୋଧର ହ୍ରାସ। ଧନ ପ୍ରାପ୍ତିର ଅଭିଳାଷ ଏବଂ ପରିବାରରେ ବିଭିନ୍ନ ସଦସ୍ୟଙ୍କର ବିଭିନ୍ନ ଅଭିଳାଷର ନିରନ୍ତନ ଅଭିବୃଦ୍ଧି ହିଁ ବ୍ୟକ୍ତିକୁ କ୍ଷମତା ଏବଂ ଧନପ୍ରାପ୍ତିର ମାୟାଜାଲରେ ଛନ୍ଦି ଦେଇଥାଏ। କଳେବଳେ ଓ କୌଶଳେ କ୍ଷମତା ବଜାୟ ରଖିବା ପାଇଁ ବ୍ୟକ୍ତି ଆଜି ଯତୋପ୍ରନାସ୍ତି ଚେଷ୍ଟାରେ ଲିପ୍ତ। ଜନଷ୍ଟେଇନବେକଙ୍କ ମତରେ 'କ୍ଷମତା ଦୁର୍ନୀତି ପରାୟଣ କରାଏ, ସମ୍ଭବତଃ କ୍ଷମତା ଚାଲିଯିବାର ଭୟ ତାକୁ ଦୁର୍ନୀତି ପରାୟଣ କରେ'। ମାତ୍ର ସବୁ କ୍ଷମତାଶୀଳ ବ୍ୟକ୍ତି ଯେ ଦୁର୍ନୀତିଗ୍ରସ୍ତ ଏହା ମୋଟେ ନୁହେଁ। ମୁଁ କହି ରଖେଯେ ଦୁର୍ନୀତଖୋର ଲୋକଙ୍କ ସଂଖ୍ୟା ସମାଜରେ ନିରନ୍ତର ଅଭିବୃଦ୍ଧି ଘଟିବାରେ ଲାଗିଛି। ଦ୍ୱିତୀୟରେ ଅସନ୍ତୋଷର ପରିଧିରେ ଲେକମାନଙ୍କର ଦ୍ରୁତ ଅଭିବୃଦ୍ଧି ବହୁମାତ୍ରାରେ ପରିଲକ୍ଷିତ ହେଉଅଛି। ଏ ପ୍ରକାର ବ୍ୟକ୍ତିଙ୍କୁ ଆମ୍ଭେ ଲୋକ ହିସାବରେ ବିବେଚନା କରିବା କି? କିନ୍ତୁ ଜଣେ ମାନବିକତାଧାରୀ ମଣିଷକୁ ଗର୍ବ ବା ଅହଂସତ୍ତା କବଳିତ କରି ପାରେ ନାହିଁ। ସେ କବଳିତ ହୁଏ ତା'ର ଚେତନା ଶକ୍ତିରେ। ଆମର ଭାଗବତ ମଧ୍ୟ ଉଦ୍‌ଘୋଷଣା କରିଛି ଯେ 'ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ-ଦେଖି ସନ୍ତୋଷ ଭଗବାନ' ଏହି ଦିବ୍ୟଜ୍ଞାନ ଆହରଣ ଯୁକ୍ତ ମନୁଷ୍ୟ କ୍ଷମତା ଏବଂ ଅସନ୍ତୋଷ ପରିଧିରୁ ବାହାରକୁ ଆସି ପାରିବ। ବିଶିଷ୍ଟ ଦାର୍ଶନିକ ବର୍ଣ୍ଣାଡ ଶ' କହିଥିଲେ କ୍ଷମତା ବ୍ୟକ୍ତିକୁ ଦୁର୍ନୀତି ପରାୟଣ କରେ ନାହିଁ। ନିର୍ବୋଧ ମାନବ ଯଦି କ୍ଷମତାସୀନ ହୁଅନ୍ତି ସେମାନେ ହିଁ କ୍ଷମତାକୁ ଦୁର୍ନୀତିମୟ କରିପାରନ୍ତି। ମନେରଖିବା ଉଚିତ୍ ଯେ ଚେତନାର ଉତ୍ତରଣ ହିଁ ମାନବିକତାର ଉତ୍ତରଣ। ଆଜି ମାନବିକତା ଏତେ ପରିମାଣରେ ଅବକ୍ଷୟଶୀଳ ହେଲାଣି ଯେ ସମସ୍ୟାପ୍ରତି ଆମ୍ଭର ସମ୍ବେଦନଶୀଳତା ଆସ୍ତେ ଆସ୍ତେ ମନରୁ ଦୂରେଇ ଯାଉଛି। ପରିଣାମ ସଦୃଶ ଆମ୍ଭେ ସମସ୍ୟା ଏବଂ ସ୍ଥିତିର ସ୍ୱଚ୍ଛ ଏବଂ ସଠିକ୍ ଆକଳନର କ୍ଷମତା ଏବଂ ଐତିହାସିକ ପୃଷ୍ଠଭୂମିର ଉଚିତ ଆକଳନ କରିବାର କ୍ଷମତାଠାରୁ ଦୂରେଇ ଯାଉଅଛୁ। ନିକଟରେ ରମାଦେବୀ ବିଶ୍ୱବିଦ୍ୟାଳୟ ସାମ୍ନା ଅପରପାର୍ଶ୍ୱରେ ଖନା ଚା ଦୋକାନରେ ଚା ପିଉଥିବା ବେଳେ ହଠାତ୍ ସେଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଲା। ଦୁର୍ଘଟଣାରେ ଆକ୍ରାନ୍ତ ଥିଲେ ଜଣେ ମହିଳା। ସେ ସେଠାରେ ରକ୍ତ ଜୁଡୁବୁଡୁ ହୋଇ ଚିତ୍କାର କରୁଥାନ୍ତି। ସେହି ବାଟ ଦେଇ ଯାଉଥିବା ଯାତ୍ରୀ ଏବଂ ଅନ୍ୟମାନେ ନୀରବ ଦ୍ରଷ୍ଟା ସାଜି ଥାଆନ୍ତି। ହଠାତ୍ ଆମ ଚାଖଟିରେ ଟୁଟୁଭାଇ ବୋଲି ଜଣେ ସହୀଦନଗର ବାସିନ୍ଦା ଚିତ୍କାର କରି କହିଲେ ଆବେ ତୁମେ ସବୁ ଅସୁର ନା ମଣିଷ? ସେ ଦୌଡିବାକୁ ଲାଗିଲେ ଏବଂ ଆମେ ସମସ୍ତେ ତାଙ୍କର ପଶ୍ଚାତଧାବନ କଲୁ। ସେ ସଙ୍ଗେ ସଙ୍ଗେ ତାକୁ ନେଇ ଅତିଶୀଘ୍ର ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା ବ୍ୟବସ୍ଥା କଲେ। ଏଠାରେ ମୋର କହିବାର ଅର୍ଥ ହେଲା ଆଜି ଦୁର୍ଘଟଣା ଘଟିଲେ ଲୋକମାନେ ଫିଲ୍ମ ସୁଟିଙ୍ଗ ପରି ତା'ର ଦୃଶ୍ୟ ଉତ୍ତୋଳନରେ ବ୍ୟସ୍ତ। ପଶୁମାନଙ୍କ କ୍ଷେତ୍ରରେ କୌଣସିଠାରେ ଦୁର୍ଘଟଣା ଘଟିଲେ ସେମାନେ ସଙ୍ଗେ ସଙ୍ଗେ ଘେରିଯାଇ ତାଙ୍କର ମାନବିକତା ଗୁଣକୁ ପରିପ୍ରକାଶ କରିଥାନ୍ତି। କିନ୍ତୁ ଆମେ ନୀରବ । ଏହାପଛରେ ଅଛି ଅବକ୍ଷୟଶୀଳ ମାନବିକତା। ସେ ଟୁଟୁଭାଇଙ୍କ ହୃଦୟରୁ ସ୍ୱତଃ ନିର୍ଗତ ଦୁଇଟି ଶବ୍ଦ 'ମଣିଷ' ନା 'ଅସୁର' ବହୁତ ଗୁରୁତ୍ୱ ବହନ କରେ। ଆଜି ମଣିଷ ମାନଙ୍କର ଘୋର ମରୁଡି । ଲୋକମାନଙ୍କର ଗହଳି ଚହଳିରେ ଖାଲି ଅମାନବିକତା ପଶୁତ୍ୱ ଗୁଣର ପରିପ୍ରକାଶ। ପଶୁମାନଙ୍କ ପରି ଆହାର ନିଦ୍ରା ଓ ମୈଥୁନରେ ବ୍ୟସ୍ତ ଧାରୀ ବ୍ୟକ୍ତିମାନଙ୍କୁ ଆମେ କ'ଣ ଲୋକ ବୋଲି କହିବା ନା ମାନବ! ଯାହାଠାରେ ମାନବିକତା ଆଜି ସାତ ସପନ! ଏହା ଏକ ବିଡମ୍ବନା ମାତ୍ର। ଆଜି ମନୁଷ୍ୟର ମାନବିକତା ମୂଲ୍ୟ ଏତେ ପରିମାଣରେ ପତନ ହେଲାଣି ଯେ ଯେକୌଣସି ସମସ୍ୟା ପ୍ରତି ଆମର ସମ୍ବେଦନା ଓ ଆବେଗ କମିବାରେ ଲାଗିଛି। ଏପରି ସମସ୍ୟା ଉପୁଜିଛି ଯେ ଦେଶରେ ମାନବିକତାର ହନନ ପ୍ରତି ମୁହୂର୍ତ୍ତରେ ସଂଗଠିତ ହେଉଅଛି। ସ୍ୱାମୀ ସ୍ତ୍ରୀକୁ, ସ୍ତ୍ରୀ ସ୍ୱାମୀକୁ, ପୁତ୍ର ପିତାକୁ, ଭାଇ ଭଉଣୀକୁ, ସାଙ୍ଗ ସାଙ୍ଗକୁ ନିର୍ମମ ଭାବରେ ହତ୍ୟା ଘଟଣା ଦୂରଦର୍ଶନ, ଖବର କାଗଜ ଏବଂ ସାମାଜିକ ଗଣମାଧ୍ୟମରେ ଆଗ ଧାଡିର ଖବର ଭାବରେ ଶୋଭା ମଣ୍ଡନ କରୁଛି। ଏପରି ସମସ୍ୟା ଉପୁଜିଛି ଯେ ବ୍ୟକ୍ତି ରାଷ୍ଟ୍ରର ଏବଂ ଏହାର ଅସ୍ମିତା ପ୍ରତି କୁଠାରଘାତ କରିବାରେ ପଶ୍ଚାଦ୍‌ପଦ ହେଉନାହିଁ। ହିନ୍ଦି କବି ଦୁଷ୍ମନ୍ତଙ୍କର ଏକ କାଳଜୟୀ ପଂକ୍ତି "ଇସ୍ ସଡକ ପର ଇସ କଦର କିଚଡ଼ ପିଛି ହେ - ହର କିସିକା ପାଓଁ ଘୁଟନେ ତକ ସମାହେ" ଆମେ କ'ଣ ନିଜପାଇଁ ପକାରାସ୍ତା ଏବଂ ଅନ୍ୟମାନଙ୍କ ପାଇଁ ଖାଲ ରାସ୍ତା ନିର୍ମାଣ କରିବାର କଥାଚିନ୍ତା କରିବା! ଆସ ଆମେ ସମସ୍ତେ ମାନବ ସାଜିବା ଏବଂ ଦାନବର ଅହଂ ସତ୍ତାକୁ ମନରୁ ନିଷ୍କାସନ ପୂର୍ବକ ଆମର ଓଡ଼ିଆ କବି ସନ୍ଥଭୀମ ଭୋଇଙ୍କର ସେହି କାଳଜୟୀ ପଂକ୍ତିକୁ ଗାଇବା "ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ। ମାନବ ଏବଂ ମାନବତାର ଜୟ ଘୋଷ ହେଉ ଏବଂ ମାନବିକତାର ଦୁନ୍ଦୁଭି ବ୍ୟକ୍ତିସତ୍ତାରେ, ସମାଜସତ୍ତାରେ, ରାଷ୍ଟ୍ରସତ୍ତାରେ ଏବଂ ସର୍ବୋପରି ବିଶ୍ୱ ସତ୍ତାରେ ଯେ ବାଜି ଉଠୁ ଏହା ମୋର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଲର୍ଡ୍ସ ଟେଷ୍ଟ : ଭାରତ ୩୮୭ ରନରେ ଅଲଆଉଟ୍

**ଲର୍ଡ୍ସ :** ଐତିହାସିକ ଲର୍ଡ୍ସ ଷ୍ଟାଡିୟମଠାରେ ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ସିରିଜର ୩ୟ ଟେଷ୍ଟରେ ଭାରତ ନିଜର ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ ହୋଇଯାଇଛି । ଇଂଲଣ୍ଡ ମଧ୍ୟ ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ ହୋଇଥିବାରୁ ଉଭୟ ଦଳର ସ୍କୋର ସମାନ ରହିଛି । ଭାରତ ପକ୍ଷରୁ ରିଷଭ ପନ୍ତ ୭୪ ରନ, କେଏଲ ରାହୁଲ ଶତକ ଏବଂ ଜାଡେଜା ୭୨ ରନ କରିଥିଲେ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏହି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ବର୍ତ୍ତମାନ ୧-୧ରେ ବରାବର ଅଛି । ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଲିଡ୍ସର ହେଡିଙ୍ଗଲି କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିଲା, ଯେଉଁଥିରେ ଇଂଲଣ୍ଡ ୫ ୱିକେଟରେ ବିଜୟୀ ହୋଇଥିଲା । ତା'ପରେ ବର୍ମିଂହାମର ଏଜବାଷ୍ଟନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭାରତୀୟ ଦଳ ୩୩୬ ରନରେ ଏକ ଚମତ୍କାର ବିଜୟ ହାସଲ କରିଥିଲା । ବର୍ତ୍ତମାନ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ।

ଭାରତୀୟ ଦଳର ପ୍ରଥମ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲ ବିଶେଷ କିଛି କରିପାରି ନଥିଲେ ଏବଂ ଦ୍ୱିତୀୟ ଓଭରରେ ଜୋଫ୍ରା ଆର୍ଚରଙ୍କ ଶିକାର ହୋଇଥିଲେ । କରୁଣ ନାୟାର ମଧ୍ୟ ସେଟ୍ ହେବା ପରେ ତାଙ୍କର ୱିକେଟ ହରାଇଥିଲେ । କରୁଣ ୬୨ ବଲରେ ୪୦ ରନ କରିଥିଲେ, ଯେଉଁଥିରେ ୪ ଚୌକା ଥିଲା । ସେହି ସମୟରେ ଅଧିନାୟକ ଶୁଭମନ ଗିଲ ୧୬ ରନ କରିବା ପରେ କ୍ରିସ୍ ୱୋକ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ । ଏହା ପରେ, କେଏଲ ରାହୁଲ ଏବଂ ପନ୍ତଙ୍କ ମଧ୍ୟରେ ଏକ ଶତକୀୟ ଭାଗୀଦାରି ହୋଇଥିଲା । କିନ୍ତୁ ତୃତୀୟ ଦିନ ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ପନ୍ତ ରନ ଆଉଟ ହୋଇଥିଲେ । ଏହା ପରେ କେଏଲ ରାହୁଲ ଶତକ ହାସଲ କରିଥିଲେ କିନ୍ତୁ ସେ ୧୦୦ ରନ କରିବା ପରେ ଆଉଟ ହୋଇଥିଲେ । ଏହା ପରେ ଜାଡେଜା ୭୨ ରନର ଇନିଂସ ଖେଳିଥିଲେ ଏବଂ ଭାରତୀୟ ଦଳ ୩୮୭ ରନରେ ସୀମିତ ହୋଇଯାଇଥିଲା ।



# ଟିମ୍ ଇଣ୍ଡିଆର ଖେଳାଳିମାନେ ଧନୀ





**ଲର୍ଡସ**

ଲର୍ଡସ ଟେଷ୍ଟରେ ଉଭୟ ଦଳ ଦୁଇ ଦିନରେ ୨୩ ଓଭର କମ ବୋଲିଂ କରିଥିଲେ। ଏପରି କ୍ରିକେଟକୁ ନେଇ ପୂର୍ବତନ ଇଂଲଣ୍ଡ ଅଧିନାୟକ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ଦଳଗୁଡ଼ିକ ଗୋଟିଏ ଦିନରେ ୯୦ ଓଭର ବୋଲିଂ କରୁଛନ୍ତି କି ନାହିଁ ତାହା ଯେକୌଣସି ମୂଲ୍ୟରେ ନିଶ୍ଚିତ କରାଯିବା ଉଚିତ।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଲର୍ଡସ ଟେଷ୍ଟର ପ୍ରଥମ ଦୁଇ ଦିନରେ କେବଳ ୧୫୮ ଓଭର ବୋଲିଂ କରାଯାଇଥିଲା । ଏହା ଉପରେ ପ୍ରତିକ୍ରିୟା ଦେଇ ପୂର୍ବତନ ଅଧିନାୟକ ମାଇକେଲ ଭାଓନ କହିଛନ୍ତି ଯେ ଏହା ନିଶ୍ଚିତ କରାଯିବା ଉଚିତ ଯେ ଦଳ ଟେଷ୍ଟ ମ୍ୟାଚର ସମସ୍ତ ପାଞ୍ଚ ଦିନରେ ବାଧ୍ୟତାମୂଳକ ଭାବରେ ୯୦ ଓଭରର କୋଟା ପୂରଣ କରେ। ସ୍ଲୋ ଓଭର ରେଟ ପାଇଁ ଦଳଗୁଡ଼ିକୁ ଦଣ୍ଡିତ କରିବା ଯଥେଷ୍ଟ ନୁହେଁ । କାରଣ ଖେଳାଳିମାନେ ବହୁତ ଧନୀ ଏବଂ ସେମାନଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ଦ୍ୱାରା ସେମାନେ ପ୍ରଭାବିତ ହେବେ ନାହିଁ। ଏହାଛଡ଼ା ଦଳଗୁଡ଼ିକ ପଞ୍ଚମ ଏବଂ ଶେଷ ଦିନରେ ସମ୍ପୂର୍ଣ୍ଣ ୯୦ ଓଭର ବୋଲିଂ କରିପାରୁଥିବା ସମୟରେ ପ୍ରଥମ ଚାରି ଦିନରେ ଓଭର କୋଟା କାହିଁକି ପୂରଣ କରିପାରିଲେ ନାହିଁ।

ଏହା କିଛି ସମୟ ଧରି ଟେଷ୍ଟ କ୍ରିକେଟ ପାଇଁ ଏକ ସମସ୍ୟା ହୋଇଛି। ମୁଁ ଜାଣେ ପାଗ ଗରମ। ମୁଁ ଜାଣେ ଖେଳାଳିଙ୍କ ଆଘାତ ଯୋଗୁ କିଛି ସମୟ ନଷ୍ଟ ହୁଏ। କିନ୍ତୁ ପଞ୍ଚମ ଦିନରେ ସମ୍ପୂର୍ଣ୍ଣ ୯୦ ଓଭର ବୋଲିଂ କରିବାକୁ ପଡ଼ିଥାଏ। ଏହି କୋଟା ପୂରଣ ହୁଏ। ମୁଁ ବୁଝିପାରୁନାହିଁ ଯେ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ଦିନରେ ଖେଳ ଏତେ ଧୀର ଗତିରେ କାହିଁକି ଖେଳାଯାଏ ବୋଲି ସେ କହିଛନ୍ତି।

# ନୂଆ ଅଧିନାୟକ ଘୋଷଣା କଲା ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ**

ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ କିଙ୍ଗଷ୍ଟନରେ ଖେଳାଯିବ। ଅଷ୍ଟ୍ରେଲିଆ ଦଳ ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚ ଜିତି ସିରିଜ କବଜା କରିସାରିଛି। ଏବେ ସେମାନେ ଆୟୋଜକ ଦଳକୁ କ୍ଲିନ ସୁଇପ କରିବା ଉଦ୍ଦେଶ୍ୟରେ ତୃତୀୟ ଟେଷ୍ଟ ଖେଳିବେ। ଏହା ପରେ ଭ୍ରମଣକାରୀ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ଏହା ଜୁଲାଇ ୨୧ରୁ ଆରମ୍ଭ ହେବ । ଏହି ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି । ଏଥିରେ ଦୁଇଟି ବଡ଼ ପରିବର୍ତ୍ତନ କରାଯାଇଛି। ଅଷ୍ଟ୍ରେଲିୟ ଅଧିନାୟକ ପ୍ୟାଟ କମିନ୍ସଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ନୂତନ ଅଧିନାୟକ ଘୋଷଣା କରାଯାଇଛି । ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଚାମ୍ପିଅନ କରିଥିବା ବୋଲରମାନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇ ନାହିଁ।

ଜୁଲାଇ ୨୧ରୁ ଆରମ୍ଭ ହେଉଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି। ପ୍ୟାଟ କମିନ୍ସଙ୍କ ସ୍ଥାନରେ ମିଚେଲ ମାର୍ଶଙ୍କୁ



ଅଷ୍ଟ୍ରେଲିଆ ଦଳର ଅଧିନାୟକ କରାଯାଇଛି । ଏହି ସିରିଜ ପାଇଁ କମିନ୍ସ ଏବଂ ଦ୍ରୁତ ବୋଲର ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଛି। ହାଜେଲଉଡ ଆଇପିଏଲ ୨୦୨୫ ରେ ଆରସିବି ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଦଳକୁ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ହାଜେଲଉଡ ଆଇପିଏଲ୍ ୨୦୨୫ରେ ୧୨ ମ୍ୟାଚ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୨୨ ୱିକେଟ ନେଇଥିଲେ। ଏହା ବ୍ୟତୀତ ସେ ୫୨ ଟି୨୦ ମ୍ୟାଚ ଖେଳିଛନ୍ତି। ଯେଉଁଥିରେ ସେ ୬୭ ୱିକେଟ ନେଇଛନ୍ତି । ହାଜେଲଉଡ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ରିକେଟ ଖେଳିବାରେ ବ୍ୟସ୍ତ ଅଛନ୍ତି । ସେ ଗତ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ୧୧ ୱିକେଟ ନେଇଛନ୍ତି।

ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ସିରିଜ ପାଇଁ ପ୍ୟାଟ କମିନ୍ସଙ୍କୁ ବିଶ୍ରାମ ଦିଆଯାଇଛି । କମିନ୍ସଙ୍କ ସ୍ଥାନରେ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ଦଳର ଅଧିନାୟକ କରାଯାଇଛି । କମିନ୍ସ ଦକ୍ଷିଣ ଆଫ୍ରିକା ବିପକ୍ଷ ଧଳା ବଲ ସିରିଜ ପାଇଁ ମଧ୍ୟ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି । ସେ ୨୦୨୫-୨୬ ଆଶେସ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ ରଖିବାକୁ ଚାହାନ୍ତି ଏବଂ ସେଥିପାଇଁ ସେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ମିଚେଲ ଓନେ ଏବଂ ମ୍ୟାଟ କୁହ୍ନେମାନଙ୍କୁ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଦଳରେ ସାମିଲ କରାଯାଇଛି।

ଅଷ୍ଟ୍ରେଲିଆ ଦଳ: ମିଚେଲ ମାର୍ଶ (ଅଧିନାୟକ), ସିଆନ ଆବୋଟ୍, କୁପର କନୋଲି, ଟିମ ଡେଭିଡ୍, ବେନ ଡ୍ୱାରସିସ, ନାଥନ ଏଲିସ, କାମେରୁନ ଗ୍ରୀନ, ଆରୋନ ହାର୍ଡି, ଜୋଶ ଇଙ୍ଗଲିସ, ସ୍ପେନ୍ସର ଜନସନ୍, ମ୍ୟାଟ କୁହ୍ନେମାନ, ଗ୍ଲେନ ମ୍ୟାକ୍ସଲେ, ମିଚେଲ ଓନେ, ମାଥ୍ୟୁ ସର୍ଟ, ଆଡାମ ଜାମ୍ପା।

# ୫ ୱିକେଟ ନେବାପରେ ବି ସେଲିବ୍ରେଶନ କଲେ ନାହିଁ ବୁମ୍ରା

**ଲର୍ଡସ**

ଭାରତୀୟ ଦଳର ଅଭିଜ୍ଞ ଦ୍ରୁତ ବୋଲର ଜସପ୍ରିତ ବୁମରା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଇନିଂସରେ ଚମତ୍କାର ବୋଲିଂ କରିଥିଲେ ଏବଂ ୫ ଜଣ ଇଂଲଣ୍ଡ ବ୍ୟାଟସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏହା ସହିତ ସେ ପୂର୍ବତନ ଭାରତୀୟ ଅଧିନାୟକ କପିଲ ଦେବଙ୍କ ରେକର୍ଡ ମଧ୍ୟ ଭାଙ୍ଗି ଦେଇଥିଲେ। ଲର୍ଡସ ଗ୍ରାଉଣ୍ଡରେ ଚମତ୍କାର ବୋଲିଂ କରି ସେ ଇଂଲଣ୍ଡର ବ୍ୟାଟିଂ ଲାଇନଅପକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇଥିଲେ। ତଥାପି ୱିକେଟ ନେବା ପରେ ବୁମରାଙ୍କୁ ଅଧିକ ସେଲିବ୍ରେସନ ପାଳନ କରିବାର ଦେଖାଯାଇ ନ ଥିଲା। ଦ୍ୱିତୀୟ ଦିନର ଖେଳ ଶେଷ ହେବା ପରେ ବୁମରା ଏହା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସେ କ୍ଳାନ୍ତ।

ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନର ଖେଳ ଶେଷ ହେବା ପରେ ସାମ୍ବାଦିକ ସମ୍ମିଳନୀରେ ବୁମରା କହିଥିଲେ ଯେ, ମୁଁ କ୍ଳାନ୍ତ ଥିବାରୁ ସେଲିବ୍ରେସନ ପାଳନ କରି ନ ଥିଲି । ମୁଁ ୨୧ କିମ୍ବା ୨୨ ବର୍ଷ ବୟସର ନୁହେଁ ଯେ ମୁଁ ସାରା ଗ୍ରାଉଣ୍ଡରେ ଡେଇଁବି । ମୁଁ କେବଳ ମୋର ଚିହ୍ନକୁ ଫେରି ପୁଣି ବୋଲିଂ କରିବାକୁ ଚାହୁଁଥିଲି। ଲର୍ଡସ ଟେଷ୍ଟର ପ୍ରଥମ ଇନିଂସରେ, ଭାରତୀୟ ଦ୍ରୁତ ବୋଲର ଅଭିଜ୍ଞ ବ୍ୟାଟସମ୍ୟାନ ଜୋ ରୁଟଙ୍କୁ ଆଉଟ କରିଥିଲେ। କେବଳ ଏତିକି ନୁହେଁ, ସେ ହ୍ୟାରି ବ୍ରୁକ, ବେନ ଷ୍ଟୋକ୍ସ, କ୍ରିସ ୱୋକ୍ସ ଏବଂ ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ପ୍ୟାଭିଲିୟନ ଫେରିବାର ରାସ୍ତା ଦେଖାଇଥିଲେ।

ଦ୍ୱିତୀୟ ଟେଷ୍ଟ ମ୍ୟାଚ ସମୟରେ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିଲା। ଏହା ପରେ, ସେ ତୃତୀୟ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ମଧ୍ୟ ପାଞ୍ଚଟି ୱିକେଟ ନେଇଥିଲେ। ଲର୍ଡସ ଗ୍ରାଉଣ୍ଡରେ ତାଙ୍କର ଚମତ୍କାର ବୋଲିଂ ଯୋଗୁଁ ଇଂଲଣ୍ଡ ସେମାନଙ୍କର ପ୍ରଥମ ଇନିଂସରେ କେବଳ ୩୮୭ରନ କରିପାରିଥିଲା। ଜୋ ରୁଟ ଦଳ ପାଇଁ ୧୦୪ ରନ କରିଥିଲେ, ଯେତେବେଳେ ଜେମି ସ୍ମିଥ ୫୧ ରନ ଯୋଗଦାନ ଦେଇଥିଲେ। ବ୍ରାଇଡନ କାର୍ସେ ୫୬ ରନର ଇନିଂସ ଖେଳିଥିଲେ। ଯେତେବେଳେ ଓଲି ପୋପ ୪୪ ରନ କରିଥିଲେ । ବୁମରାହଙ୍କ ବ୍ୟତୀତ, ଟିମ ଇଣ୍ଡିଆ ପାଇଁ ମହମ୍ମଦ ସିରାଜ ଏବଂ ନୀତିଶ କୁମାର ରେଡ୍ଡୀ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ, ଯେତେବେଳେ ରବିନ୍ଦ୍ର ଜାଡେଜା ଗୋଟିଏ ୱିକେଟ ନେଇଥିଲେ।

# ମୁଁ ମୋ ପରିବାରରୁ ଦୂରେଇ ଯିବାକୁ ଚାହୁଁଛି





**ଗୁରୁଗ୍ରାମ**

ଗୁରୁଗ୍ରାମର ରାଧିକା ଯାଦବ ହତ୍ୟା ମାମଲା ଏବେ ସାରା ଦେଶରେ ଚର୍ଚ୍ଚାରେ ଅଛି । ଅଭିଯୁକ୍ତ ବାପା ଦୀପକ ଯାଦବ ବର୍ତ୍ତମାନ ଗୋଟିଏ ଦିନିଆ ପୋଲିସ ରିମାଣ୍ଡରେ ଅଛନ୍ତି। ତାଙ୍କୁ ପଚରାଉଚରା କରାଯାଉଛି ସେ ତାଙ୍କର ଅପରାଧ ସ୍ୱୀକାର କରିଛନ୍ତି। ଏହି ସମୟରେ ରାଧିକାଙ୍କ ହ୍ୱାଟସଆପ ଚାଟ ଭାଇରାଲ ହୋଇଛି। ଏଥିରେ, ରାଧିକା ତାଙ୍କ ଟେନିସ କୋଚଙ୍କୁ ସେହି ସମସ୍ୟା ବିଷୟରେ କହିଛନ୍ତି, ଯାହା ଯୋଗୁ ସେ ଭାରତରେ ରହିବାକୁ ଚାହୁଁ ନ ଥିଲେ।

ଏକ ଚ୍ୟାନେଲରେ ରାଧିକାଙ୍କ ହ୍ୱାଟସଆପ ଚାଟ ଅଛି । ଏହା ଅନୁଯାୟୀ ରାଧିକା କୋଚଙ୍କୁ କହିଥିଲେ ସେ ବିଦେଶରେ ରହିବାକୁ ଚାହାଁନ୍ତି। ଏଠାରେ ବହୁତ ପ୍ରତିବନ୍ଧକ ଅଛି। ମୁଁ ମୋ ଜୀବନ ବଞ୍ଚିବାକୁ ଚାହୁଁଛି, ମୁଁ ଏହାକୁ ଉପଭୋଗ କରିବାକୁ ଚାହୁଁଛି। ମୁଁ ମୋ ପରିବାରରୁ ଦୂରେଇ ଯାଇ ଦୁବାଇ କିମ୍ବା ଅଷ୍ଟ୍ରେଲିଆରେ ରହିବାକୁ ଚିନ୍ତା କରୁଛି । ମୁଁ ଚାଇନା ଯିବି ନାହିଁ କାରଣ ସେଠାରେ ଖାଦ୍ୟ ବିକଳ୍ପ କମ ଅଛି।

ପୋଲିସ ପଚରାଉଚରା ସମୟରେ, ଅଭିଯୁକ୍ତ ବାପା ଦୀପକ ପ୍ରକାଶ କରିଥିଲେ, ସେ ଗାଁର ଲୋକଙ୍କ ତାଚ୍ଛଲ୍ୟରେ ବହୁତ ବିରକ୍ତ ଥିଲେ। ସେମାନେ ପ୍ରତିଦିନ ବିବ୍ରତକାରୀ କଥା କହି ତାଙ୍କୁ ଆଘାତ ଦେଉଥିଲେ। ସେମାନେ କହୁଥିଲେ ଯେ ତୁମେ ତୁମ ଝିଅର ଟଙ୍କାରେ ବଞ୍ଚୁଛ। ତୁମ ଝିଅ ଅବୈଧ ଉପାୟରେ ଟଙ୍କା ରୋଜଗାର କରୁଛି। ଏପରି ପରିସ୍ଥିତିରେ ବିରକ୍ତ ହୋଇ ସେ ଗତ ତିନି ଦିନ ଧରି ଯୋଜନା କରୁଥିଲେ ଯେ ସେ ଆତ୍ମହତ୍ୟା କରିବେ। ନଚେତ ତାଙ୍କ ଝିଅକୁ ହତ୍ୟା କରିବେ। ଏକାଡେମୀକୁ ଯିବାକୁ ମନା କରିବା ପାଇଁ ବିବାଦ ପରେ, ସେ ତାଙ୍କ ଝିଅକୁ ଚାରିଥର ଗୁଳି କରି ହତ୍ୟା କରିଥିଲେ।

ପୋଲିସ ତଦନ୍ତରୁ ଜଣାପଡିଛି ଯେ, ବାପା ଦୀପକ ଯାଦବଙ୍କ ମାନସିକ ଅବସ୍ଥା ଭଲ ନଥିଲା। ସେ ସବୁକିଛି ଭୁଲ ଭାବି ରାଗିଯାଉଥିଲେ ଏବଂ ସନ୍ଦେହ କରୁଥିଲେ। ଝିଅ କାହା ସହିତ କଥା ହେଉଛି ଏବଂ କାହିଁକି କଥା ହେଉଛି ସେ ତାଙ୍କ ଝିଅକୁ ଏପରି ପ୍ରଶ୍ନ ପଚାରୁଥିଲେ। ରାଧିକା ମଧ୍ୟ ତାଙ୍କ ବାପାଙ୍କୁ ଏହି କଥାଗୁଡ଼ିକ ବିଷୟରେ ଆଶ୍ୱାସନା ଦେଇଥିଲେ ଯେ ସେ କିଛି ଭୁଲ କରିବେ ନାହିଁ । କିନ୍ତୁ ତଥାପି ଗୁରୁବାର ଦୀପକ ପାଞ୍ଚଟି ଗୁଳି ଚଳାଇ ରାଧିକାକୁ ହତ୍ୟା କରିଥିଲେ। ରାଧିକାଙ୍କ ଶରୀରରୁ ଚାରୋଟି ଗୁଳି ମିଳିଛି । ଅନ୍ୟ ଗୁଳିଟି କେଉଁଠି ଅଛି ତାହା ଜାଣିବାକୁ ପୋଲିସ ଚେଷ୍ଟା କରୁଛି।

# ମଣ୍ଡିବା ସଂକ୍ରମଣ ଆକ୍ରାନ୍ତ ମହିଳାଙ୍କ ମୁହଁରେ ଫେରିଲା ହସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୫୦ ବର୍ଷ ବୟସରେ ଗୀତା ରାଣୀ (ନାମ ପରିବର୍ତ୍ତନ) ଏକ ସୁସ୍ଥ, ସୁନ୍ଦର ଓ ଖୁସି ପୂର୍ଣ୍ଣ ଜୀବନ ଅତିବାହିତ କରୁଥିଲେ। ଭୁବନେଶ୍ୱରରେ ଜନ୍ମ ଓ ବଡ଼ ହୋଇଥିବା ଗୀତା ଜୀବନର ବଡ଼ ଅଂଶ ଗୃହଣୀ ଭାବରେ ତାଙ୍କ ପରିବାର ପାଇଁ ନିରବଚ୍ଛିନ୍ନ ଭାବେ ସେବା କରିଥିଲେ। କିନ୍ତୁ ଜୀବନ ଏକ ଅପେକ୍ଷିତ ମୋଡ଼ ନେଲା ଯେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଜଟିଳତା ଆରମ୍ଭ ହେଲା। ପ୍ରଥମେ କୋଭିଡ୍-୧୯ ଆକ୍ରାନ୍ତ ହେବା, ତା'ପରେ କଳା ଫୁଙ୍ଗସ୍ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ଅପରେସନ୍ କରାଇବାକୁ ପଡ଼ିଲା। ଏହାର କିଛି ଦିନ ମଧ୍ୟରେ ତାଙ୍କର ପୁଣି ଏକ ନୂଆ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲା। ତାଙ୍କର ଉପର ମାଢ଼ିରେ ଭୀଷଣ ଯନ୍ତ୍ରଣା ହେବା ସହିତ ଅନବରତ ଦୁର୍ଗନ୍ଧ ହେଉଥିଲା ଯାହା ଫଳରେ ସେ କାହା ସହିତ



ମିଶିବାକୁ ଇଚ୍ଛା କରୁନଥିଲେ। ସମୟ ବଢ଼ିବା ସହିତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଗଲା ଯେ ସେ ନିଜ ଦୈନିକ କାମ ମଧ୍ୟ କରି ପାରିପାରୁ ନଥିଲେ ଏବଂ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇ ପଡ଼ିଲେ। ଫଳରେ ତାଙ୍କ ପରିବାର ସଦସ୍ୟମାନେ ଅଧିକ ସମୟ ନଷ୍ଟ ନକରି, ଭୁବନେଶ୍ୱର ଖଣ୍ଡଗିରି ସ୍ଥିତି ମଣିପାଲ ହସ୍ପିଟାଲର ଡେଣ୍ଟାଲ ଓ ମ୍ୟାକ୍ସିଲୋ-ଫେସିଆଲ୍ ସର୍ଜନ ଡାକ୍ତର ହର୍ଷ ମୋହନ ପାଠକଙ୍କ ସହିତ ପରାମର୍ଶ ନେଲେ। ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଥିଲା ଯେ, ତାଙ୍କର ବାମ ପାର୍ଶ୍ୱର ଉପର ମଣ୍ଡିବା ହାଡ଼ (ଲେଫ୍ଟ ମ୍ୟାକ୍ସିଲା) ସଂକ୍ରମଣ ଦ୍ୱାରା ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି, ଏଥିରୁ ପୁଜ ପଡୁଥିଲା ଏବଂ ମ୍ୟାକ୍ସିଲା ଓ ମ୍ୟାକ୍ସିଲେରୀ ସାଇନସ୍‌ରୁ ଡ୍ରେନ୍ ହେଉଥିଲା। ସେ ହେମୋଲିଟିକ୍ ଆନିମିଆ ରୋଗରେ ମଧ୍ୟ ଭୋଗିଥିଲେ। ଏହା ଏକ ଏମିତି ଅବସ୍ଥା, ଯେଉଁଠି ଦେହ ନିଜ ରକ୍ତର ଲାଲ ରକ୍ତ କଣିକା ଉପରେ ଭୁଲ୍ ବାବରେ ଆକ୍ରମଣ କରେ, ଫଳରେ ସେମାନଙ୍କର ଅପେକ୍ଷାକୃତ ଆଗରୁ ମୃତ୍ୟୁ ଘଟେ ଓ ହେମୋଗ୍ଲୋବିନ୍‌ର ତଳ ସ୍ତରକୁ ନେଇଯାଏ। ଏହି ଅବସ୍ଥା ତାଙ୍କ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତର କରିଦେଲା। ଡାକ୍ତରମାନେ ଏକ ନିଷ୍ପତ୍ତିମୂଳକ ଚିକିତ୍ସା ଯୋଜନା ନେବାକୁ ଚାହିଁଥିଲେ, ଯାହା ଏହି ସମୟର ଆବଶ୍ୟକତା ଥିଲା। ରୋଗୀଙ୍କର ଯଥେଷ୍ଟ ଜଟିଳତା ସତ୍ତ୍ୱେ, ଡାକ୍ତର ପାଠକ ଓ ତାଙ୍କ ଦଳ ରୋଗୀଙ୍କ ଜୀବନ ରକ୍ଷା କରିବା ପାଇଁ ଏକ ସର୍ଜରୀ ପ୍ଲାନ୍ କରିଥିଲେ। ଏହା ଏକ ସଂପୂର୍ଣ୍ଣ ବାମପାର୍ଶ୍ୱୀୟ ମ୍ୟାକ୍ସିଲେକ୍ଟୋମି, ତା'ପରେ ଦୂଷିତ ହାଡ଼ ଓ ଇନଫେକ୍ସନ୍ ସଫା କରିବା ପାଇଁ ଡିବ୍ରାଇଡମେଣ୍ଟ୍ କରାଯାଇଥିଲା। ଏହି ଶଲ୍ୟ ଚିକିତ୍ସା ବିଶେଷ ଜଟିଳ ଥିଲା ଏବଂ ପ୍ରତ୍ୟେକ ପଦକ୍ଷେପରେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରାଯାଇଥିଲା। ମାଢ଼ିର କାର୍ଯ୍ୟ ଓ ସୌନ୍ଦର୍ଯ୍ୟ ପୁନଃସ୍ଥାପିତ କରିବା ପାଇଁ, ଗାଲର ତନ୍ତୁ ବ୍ୟବହାର କରାଯାଇ ସର୍ଜିକାଲ୍ ଏରିଆକୁ କାଢ଼ି ଓ ପୁନଃନିର୍ମାଣ କରାଯାଇଥିଲା, ଯାହା ତାଙ୍କୁ ଭଲ କରିବାକୁ ସାହାଯ୍ୟ କରିଥିଲା ଡାକ୍ତର ହର୍ଷ ମୋହନ ପାଠକ କହିଲେ, "ଏହି ମାମଲା ଅସାଧାରଣ ଭାବରେ ଦୁର୍ଲଭ ଓ ଚ୍ୟାଲେଞ୍ଜିଂ ଥିଲା, କାରଣ ଏଠାରେ ଆମେ ହେମୋଲିଟିକ୍ ଅନିମିଆ ଓ ପୋଷ୍ଟ-ମୁକରମାଇକୋସିସ ଜଟିଳତା ସହିତ ବହୁ ପ୍ରଣାଳୀ ଗତ ସମସ୍ୟା ଗୁଡିକୁ ଧ୍ୟାନରେ ରଖିବାକୁ ପଡ଼ିଥିଲା। ତଥାପି ସାବଧାନ ଯୋଜନା ଓ ସଠିକ୍ ଅପରେସନ୍ ଦ୍ୱାରା ଆମେ ତାଙ୍କର ମାଢ଼ିକୁ ପୁନଃସ୍ଥାପିତ କରିପାରିଛୁ ।" ଅପରେସନ୍ ପରେ, ରୋଗୀ ସୁସ୍ଥତା ଅନୁଭବ କରିଥିଲେ। ଯାହା ତାଙ୍କ ଦୀର୍ଘଦିନ ଧରି ଥିବା ଇନଫେକ୍ସନ୍‌କୁ ଠିକ୍ କରିବା ସହିତ, ଜଣେ ସାଧାରଣ ବ୍ୟକ୍ତିଙ୍କ ଭଳି କଥା ହେବା ଓ ଖାଦ୍ୟକୁ ଚୋବାଇ ଖାଇବା ଓ ଖାଦ୍ୟକୁ ଉପଭୋଗ କରିପାରୁଛନ୍ତି।

# ସୁନାଗହଣା ସହ ୮୦ହଜାର ଲୁଟିନେଲେ ଦୁର୍ବୃତ୍ତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମାଣତିରା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସୁବ୍ରତ କୁମାର ପଣ୍ଡାଙ୍କ ଘରର ଝରକା ଭାଙ୍ଗି ୧୬ଭରି ସୁନାଗହଣା ଓ ୮୦ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ପଛପଟ ଝରକାଭାଙ୍ଗି ଘରେ ପଶିଥିଲେ। ଆଲମୀରାରେ ଥିବା ସମସ୍ତ ଗହଣା ଓ ଟଙ୍କାକୁ ଲୁଟି ନେଇଥିଲେ। ଘରମାଲିକ ରାତି ୪ଟାରେ ଉଠି ଘରୁ ଚୋରିହୋଇଥିବା ଜାଣିଲେ ଓ ପରେ ପଡ଼ୋଶୀଙ୍କୁ ଡାକି କହିଥିଲେ। ନିଜର ସିସିଟିଭି ନଥିବାରୁ ପଡୋଶୀ ସିସିଟିଭି ଦେଖି ୩ଜଣ ଦୁର୍ବୃତ୍ତ ଆସିଥିବା ଓ ସେମାନେ ହାପପ୍ୟାଣ୍ଟ ପିନ୍ଧିଥିବା ଜଣାପଡିଛି। ସକାଳେ ଘର ମାଲିକ ଶ୍ରୀପଣ୍ଡା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରିରଖିଛି ।

# ଯୁବପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧାର ଆଡକୁ ଟାଣିନେଉଛି ମୋବାଇଲ୍ ଫ୍ରି ଫାୟାର ଗେମ୍

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଆଗରୁ ବିଭିନ୍ନ ଗ୍ରାମାଂଚଳ ମାନଙ୍କରେ ବାଲ୍ୟରୁ ଯୁବପିଢି ସାତଗାଦି, କବାଡି, ବାଡ଼ିଡିଆଁ, ବାଘଛେଳି ଭଳି ଅନେକ ପ୍ରକାରର ଖେଳ ଖେଳି ବୁଦ୍ଧିବାନ ହେବା ସହ ଶାରୀରିକ ସୁସ୍ଥ ଓ ତାଜା ରହୁଥିଲେ । ମାତ୍ର ଏବେକାର ଅତ୍ୟାଧୁନିକ ମୋବାଇଲ ଯୁଗରେ ଅନେକ ବାଳକ ବାଳିକା ଏହି ସବୁ ଖେଳରୁ ଦୂରେଇ ଯାଇ ମୋବାଇଲରେ ଆସୁଥିବା ବିଭିନ୍ନ ଖେଳରେ ଘଣ୍ଟା ଘଣ୍ଟା ଧରି ନିମଜ୍ଜିତ ରହି ନିଜ ଭବିଷ୍ୟତକୁ ଅନ୍ଧାର ଆଡକୁ ନେଉଥିବା ଦେଖିବାକୁ ମିଳୁଛି । ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମାଂଚଳ ମାନଙ୍କରେ ବର୍ତମାନ ଦେଖିବାକୁ ମିଳୁଛି ସମସ୍ତ ବର୍ଗର ଛାତ୍ରଛାତ୍ରୀ ଓ ଯୁବପିଢ଼ି ପାଠଶାଳ ଓ ଘର କି ବାହାର କାର୍ଯ୍ୟରେ ଧ୍ୟାନ ନଦେଇ, ସକାଳୁ ଉଠିଲା କ୍ଷଣି ହାତରେ ମୋବାଇଲଟେ ଧରି ଫୋନ ମାଧ୍ୟମରେ ଆଖପାଖ ସମସ୍ତ ସାଙ୍ଗକୁ ଡକାଡାକି ହୋଇ ଏକାଠି ହେଉଛନ୍ତି । ନିର୍ଦ୍ଧିଷ୍ଟ ଏକ ସ୍ଥାନରେ ମୋବାଇଲ ଅନ୍ କରି ସମସ୍ତେ ଏକାସଙ୍ଗେ ଗୋଟିଏ ମେଳରେ ସମସ୍ତଙ୍କ ମୋବାଇଲରେ ଫ୍ରି-ଫାୟାର ଟିମ ଗଢି ସ୍ୱତନ୍ତ୍ର ଖେଳରେ ବ୍ୟସ୍ତ ରହୁଛନ୍ତି । ପୁଣି ସାନ୍ଧ୍ୟ ହେଲେ ସେହି ଫ୍ରି-ଫାୟାର ଖେଳ ଟିମ କୌଣସି ଏକ ଦୋକାନ ତଥା ନିଛାଟିଆ ଜାଗାରେ ଏମିତି ସେମାନେ ଉକ୍ତ ଗେମରେ ଖେଳ ପ୍ରତି ଧ୍ୟାନଦେଇ ରହୁଛନ୍ତି । ସକାଳୁ ଆରମ୍ଭ କଲେ ଖେଳଟି କେତେବେଳେ ଶେଷ ହେଉଛି ସେମାନେ ସମୟ ମଧ୍ୟ ଜାଣି ପାରୁନାହାନ୍ତି । ସେମାନେ ଫ୍ରି-ଫାୟାର ଖେଳ ଖେଳି ଦିନ ପରେ ଦିନ ନଷ୍ଟ କରି ଚାଲିଛନ୍ତି।

# ଶିଶୁ ଶ୍ରମିକ ପ୍ରଥା ଏକ ସାମାଜିକ ବ୍ୟାଧି : ଏହାର ତୁରନ୍ତ ନିରାକରଣ ଜରୁରୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ କହିଲେ ଆଜିର ବୈଠକ ଶିଶୁ ଶ୍ରମିକ ନିରାକରଣ ସଚେତନତା ନିମିତ୍ତ ଉଦ୍ଦିଷ୍ଟ। କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଶିଶୁ ମାନଙ୍କ ଯତ୍ନ ନେବା ପାଇଁ ବିଭିନ୍ନ ବିଭାଗରେ ଆଇନ ପ୍ରଣୟନ କରିଛନ୍ତି। ଶିଶୁଟି ମା' ର ଗର୍ଭରେ ଥିବା ସମୟରୁ ସରକାର ମା କୁ ସଠିକ୍ ପୋଷଣ ଯୁକ୍ତ ଖାଦ୍ୟ ଏବଂ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ସହ ଶିଶୁଟି ବଡ଼ ହେଲେ ପାଠ ପଢ଼ିବା ନିମନ୍ତେ ଫ୍ରି ସ୍କୁଲିଂ, ଉଚ୍ଚ ଶିକ୍ଷା ଲାଭ କରିବା ନିମନ୍ତେ ବିଭିନ୍ନ ବୃତ୍ତିର ବ୍ୟବସ୍ଥା ଏବଂ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ମଧ୍ୟ କରିଛନ୍ତି। ପିଲାମାନଙ୍କ ଦକ୍ଷତା ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ ତାଲିମ ମଧ୍ୟ ପ୍ରଦାନ କରାଯାଉଛି । ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ଏବେ ବି କେତେକ ସ୍ଥାନରେ ଶିଶୁ ଶ୍ରମିକ ଦେଖିବାକୁ ମିଳୁଛି। ସରକାରୀ ସ୍ତରରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଯେଉଁ ସବୁ ନିୟମାବଳୀ କରାଯାଇଛି ସମସ୍ତେ ଏହାର ସଠିକ ଭାବେ ଅନୁପାଳନ କଲେ ଏବଂ ଆନ୍ତରିକତାର ସହ କାର୍ଯ୍ୟ କଲେ ଏହି ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଭାବେ ବନ୍ଦ ହୋଇପାରିବ। ଏହି ବୈଠକରେ ଅଧକ୍ଷତା କରି ଶ୍ରମ କମିଶନର ସତ୍ୟ ନାରାୟଣ ଆଚାର୍ଯ୍ୟ କହିଲେ ଶିଶୁ ଟିଏ କିପରି ତାର ମୌଳିକ ଅଧିକାର ଓ ସୁବିଧା



ପାଇପାରିବ ଆମେ ନିଶ୍ଚିତ ସେ ଦିଗ ପ୍ରତି କାର୍ଯ୍ୟ କରିବା । ଶିଶୁ ଶ୍ରମିକ ପ୍ରଥାକୁ ଏକ ସମାଜିକ ବ୍ୟାଧି ରୂପେ ଅଭିହିତ କରିବା ସହ ଏହାର ନିରାକରଣ ଦିଗରେ ସମସ୍ତଙ୍କ ର ଦାୟିତ୍ୱ ରହିଛି। ପ୍ରତ୍ୟେକ ନାଗରିକ ଶିଶୁ ଶ୍ରମିକ କୁ ବିରୋଧ କରିବା ପାଇଁ ଶପଥ ନେବା ଉଚିତ୍ ବୋଲି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଉକ୍ତ ବୈଠକରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଶ୍ରୀମତୀ ରେକ୍ସୋନା ଜେନା କହିଲେ ଆଜିର ପିଲା ହେଉଛନ୍ତି କାଲିର ଭବିଷ୍ୟତ ସେମାନେ ହିଁ ଦେଶକୁ ଆଗକୁ ନେବେ ଆମକୁ ସେଥିପ୍ରତି ସଜାଗ ରହିବାକୁ ପଡିବ ଯେପରି କୌଣସି ଶିଶୁ ପାଠ ପଢାରୁ ବଞ୍ଚିତ ନରୁହନ୍ତୁ। ସରକାରଙ୍କ ଦ୍ୱାରା ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆ ଯାଇଥିବା ସତ୍ତ୍ୱେ ମଧ୍ୟ ଏହାର ସଠିକ ଭାବେ ଉପଯୋଗ ହେଉ ନାହିଁ ଆମକୁ ଏଥି ପ୍ରତି ସଚେତନ ହେବାକୁ ପଡିବ ଏବଂ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। କୌଣସି ବ୍ୟକ୍ତି ଯଦି ୧୪ ବର୍ଷରୁ କମ ପିଲାଙ୍କୁ କାମରେ ନିୟୋଜିତ କରିଥିବାର ନଜର ଆସେ ତାହେଲେ ଚାଇଲ୍ଡ ଲାଇନ ୧୦୯୮ ନମ୍ବରକୁ କଲ୍ କରି ଜଣାଇବାକୁ ପରାମର୍ଶ ଦେଇଥିଲେ। ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତିଙ୍କ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ଏଥିପ୍ରତି ଜନସଚେତନତା ସୃଷ୍ଟି କରିବା ନିହାତି ଆବଶ୍ୟକ। ଏହି ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ କର୍ମଶାଳାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୁରମା ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ, ସୌମ୍ୟା ରଞ୍ଜନ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପ୍ରଭାତୀ ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁଲାଇ ୨୦୨୫ ରବିବାର





## ରେଭେନ୍ସା ହଷ୍ଟେଲରେ ୪୪ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

**କଟକ, ନ୍ୟୁଜ ବ୍ୟୁରୋ**

ରେଭେନ୍ସା ବିଶ୍ୱବିଦ୍ୟାଳୟର ହଷ୍ଟେଲରେ ୪୪ ଜଣ ପିଲା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ହଷ୍ଟେଲ ଖାଦ୍ୟ ଖାଇ ଅସୁସ୍ଥ ହୋଇଥିବା ଅନୁମାନ କରାଯାଉଛି । ତେବେ ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିଛନ୍ତି ଏସ୍ ସି ବି ଟିମ୍ । ନିୟୁ ପିଜି ହଷ୍ଟେଲର ୩୭ ଜଣ ଓ ଧର୍ମପଦ ହଷ୍ଟେଲର ୭ ଜଣ ଖାଦ୍ୟ ଖାଇ ଆକ୍ରାନ୍ତ ହୋଇ ଏସିବିରେ ଭର୍ତ୍ତି ହୋଇଛନ୍ତି ।



ନୂଆଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ରନାଥ ପ୍ରଧାନ ଏବଂ ମନ୍ଦିର କମିଟିର ସଦସ୍ୟମାନେ ନୂଆଦିଲ୍ଲୀର ଅଶୋକା ହୋଟେଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## ସଂସଦର ମୌସୁମୀ ଅଧିବେଶନକୁ ମିଳିଲା ରାଷ୍ଟ୍ରପତିଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ :**

ସଂସଦର ୨୧ ଜୁଲାଇରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ପ୍ରସ୍ତାବକୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଛି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ରାଜ୍ୟସଭାରେ ମଲ୍ଲିକାର୍ଜୁନ ଖଡଗେ ସରକାରଙ୍କୁ ଘେରିବା ପାଇଁ ପୁରା ପ୍ରସ୍ତୁତି କରିସାରିଲେଣି । ଅପରେସନ ସିନ୍ଦୂରକୁ ନେଇ ରାହୁଲ ଗାନ୍ଧି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସରେଣ୍ଡର ବୋଲି କହିସାରିଛନ୍ତି । ଏଣୁ ସଂସଦର ଆଗାମୀ ଅଧିବେଶନରେ ବିରୋଧୀ ହଙ୍ଗାମା କରିବେ ବୋଲି ସୂଚନା ମିଳିଲାଣି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ସଂସଦ ୨୧ ଜୁଲାଇରୁ ଆରମ୍ଭ ହେଉଥିବା ସୂଚନା ଦେଇଛନ୍ତି । ଏଥି ପାଇଁ ସେ ଏକ୍ସରେ ଏକ ପୋଷ୍ଟ କରିଥିବା ବେଳେ ୧୩ ଓ ୧୪ ଅଗଷ୍ଟରେ ସଂସଦର ବୈଠକ ବନ୍ଦ ରହିବ ଓ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନତା ଦିବସ ପାଳିବ ବୋଲି ଉଲ୍ଲେଖ କରିଛନ୍ତି ।

ସଂସଦର ମୌସୁମୀ ଅଧିବେଶନରେ ଅପରେସନ ସିନ୍ଦୂର ଜ୍ୱଳନ୍ତ ପ୍ରସଙ୍ଗ ପାଲଟିବ । ଏହାକୁ ନେଇ ବିପକ୍ଷ ସରକାରଙ୍କୁ ଘେରିବା ପାଇଁ ପୂରା ପ୍ରସ୍ତୁତି କରିଛନ୍ତି ।

ସେହିପରି କଂଗ୍ରେସ ପାର୍ଟିର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁନ ୧୨ ତାରିଖରେ ହୋଇଥିବା ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଓ ଗଣମାଧ୍ୟମରେ ଆସୁଥିବା ଏହାର ଯାଞ୍ଚ ରିପୋର୍ଟକୁ ନେଇ ସରକାରଙ୍କୁ କାଠଗଡ଼ାରେ ଛିଡା କରିବେ ବୋଲି କହିଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ଦୁର୍ଘଟଣା ଏକ ବଡ଼ ପ୍ରସଙ୍ଗ । ଏଥିରେ ୨୬୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଏହାର ଯାଞ୍ଚ ରିପୋର୍ଟ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସଂସଦର ମୌସୁମୀ ଅଧିବେଶନରେ ଏଲହାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ବିରୋଧରେ ସରକାର ମହାଭିଯୋଗ ପ୍ରସ୍ତାବ ଆଣି ପାରନ୍ତି । ଆଇନ ଓ ନ୍ୟାୟ ମନ୍ତ୍ରାଳୟ ଏଥି ପାଇଁ ପ୍ରସ୍ତୁତି କରୁଛି । ଏହା ଛଡା ଏବେ ବିଭିନ୍ନ ମନ୍ତ୍ରାଳୟ ସାଂସଦମାନଙ୍କ ତାରାଙ୍କିତ ପ୍ରଶ୍ନର ଉତ୍ତର ପ୍ରସ୍ତୁତିରେ ଲାଗିଛନ୍ତି । ସେହିପରି ସରକାର ମୌସୁମୀ ଅଧିବେଶନ କାଳରେ ୧୨ରୁ ଅଧିକ ବିଧେୟକ ଉପସ୍ଥାପନ କରିପାରନ୍ତି । ଉଲ୍ଲେଖଯୋଗ୍ୟ ଯେ ସରକାର ଜୁନ ପ୍ରଥମ ସପ୍ତାହରେ ୨୧ ଜୁଲାଇ ସଂସଦ ଅଧିବେଶନ ପାଇଁ ପ୍ରସ୍ତାବ ପଠାଇଥିଲେ । ଏହି ପ୍ରସ୍ତାବରେ ସଂସଦ ୨୧ ଜୁଲାଇରୁ ୧୨ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାର ଥିଲା । ହେଲେ ଏବେ ଏହାକୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ବିକାଶକୁ ...

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ପୁସ୍ତକ ପ୍ରଦାନ କରିଛନ୍ତି ।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ମହାସଚିବ ତରୁଣ ଚୁଗ୍‌ଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି । ଏହି ଅବସରରେ ଓଡ଼ିଶାର ବିକାଶ ପରିଯୋଜନା, ଜନସେବା ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ତରୁଣଙ୍କ ଠାରୁ ତାଙ୍କର ସ୍ୱଲିଖିତ ପୁସ୍ତକ 'ଜୀତ୍ ମୋଦୀ ଶାସନକୀ' ଗ୍ରହଣ କରିବା ସହ ତାଙ୍କୁ 'ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭' ପ୍ରଦାନ କଲି । ଏଠାରେ ସୂଚନା ଯୋଗ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୁକ୍ରବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ମଧ୍ୟ ସାକ୍ଷାତ କରି ଆଲୋଚନା କରିଥିଲେ ।

### ଦେଖିବାକୁ ଭଲ ...

ପାଛୋଟି ଆଣିଥିଲେ । ଆଜି ଅପରାହ୍ଣରେ ଶ୍ରୀ ପଟ୍ଟନାୟକ ଫେରିଲା ପରେ ତାଙ୍କୁ ଭଲ ପାଉଥିବା ଜନତା ବିମାନବନ୍ଦର ଆଗରେ ପ୍ରବଳ ଭିଡ଼ ଲଗାଇଥିଲେ । ସାଧାରଣ ଜନତା ନବୀନ ପଟ୍ଟନାୟକଙ୍କୁ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ସ୍ୱତଃ ପ୍ରବୃତ୍ତ ଭାବେ ଆସି ପହଞ୍ଚି ଥିଲେ । ନବୀନ ପଟ୍ଟନାୟକ ନିର୍ଦ୍ଧାରିତ ସମୟ ଠାରୁ ପ୍ରାୟ ୧ ଘଣ୍ଟା ବିଳମ୍ବ ପରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚି ଥିଲେ । ତଥାପି ତାଙ୍କୁ ଭଲପାଉଥିବା ଜନତା ଧୈର୍ଯ୍ୟ ଧରି ଅପେକ୍ଷା କରି ରହିଥିଲେ ।

ଏଠାରେ ସୂଚନା ଯୋଗ୍ୟ ଗତ ଜୁନ୍ ୨୦ ତାରିଖରେ ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯାଇଥିଲେ । ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୁମ୍ବାଇ ସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ଜୁନ୍ ୨୨ ତାରିଖରେ ନବୀନଙ୍କର ଅସ୍ତ୍ରୋପଚାର ହୋଇଥିଲା । ଜୁଲାଇ ୭ ତାରିଖରେ ସେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ ।

ମୁମ୍ବାଇ ଯିବା ପୂର୍ବରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ନବୀନ ପଟ୍ଟନାୟକ କହିଥିଲେ, ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୋର ଚିକିତ୍ସା ହେବ । ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ଏହି ଚିକିତ୍ସା ହେବ । ମୋର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଚିକିତ୍ସା ହେବ ।ଏଥି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ମାଗୁଛି । ଓଡ଼ିଆ ଭାଇଭଉଣୀଙ୍କର ଶୁଭକାମନା ଚାହୁଛି । ମୁଁ ଶୀଘ୍ର ସୁସ୍ଥ ହୋଇ ଫେରି ଆସିବି । ଓଡ଼ିଶାର ସମସ୍ତଙ୍କ ସେବା ଜାରି ରଖିବାକୁ ଅପେକ୍ଷା କରିଛି ।

ବିଜେଡ଼ି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶର ଗାଡ଼ି ଆଗକୁ ବଢିଛି । ନବୀନଙ୍କ ସମୟରେ ଯେଉଁ ବିକାଶ କାର୍ଯ୍ୟ ହୋଇଛି, ରାଜ୍ୟର ଜନତା ତାକୁ କେବେ ଭୁଲିପାରିବେ ନାହିଁ । ସେଥିପାଇଁ ନବୀନଙ୍କ ପ୍ରତି ସେମାନଙ୍କ ଭଲ ପାଇବା ରହିଛି ବୋଲି ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ।

### ବିଷାକ୍ତ ମଦ...

ଅଣନିଶ୍ୱାସୀ ହୋଇ ବାନ୍ତି କରିଥିଲେ ବୋଲି ଚିକିତ୍ସିତ ହେଉଥିବା ସୁଶାନ୍ତ ମାଝୀ କହିଛନ୍ତି । ତେବେ ବମ୍ପା ଗ୍ରାମରେ ଚଳିତ ସପ୍ତାହରେ ଏହି ଦୁଇଜଣଙ୍କୁ ମିଶାଇ ୭ଜଣଙ୍କର ଏହି ଦେଶୀ ମଦ ପିଇ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଗଣତନ୍ତ୍ର ।"

ସେ କହିଛନ୍ତି ଯେ, ଷ୍ଟାର୍ଟଅପ୍, ଇନୋଭେସନ୍ ଓ ରିସର୍ଚ୍ଚର ଇକୋସିଷ୍ଟମ୍ ଆଜି ଦେଶରେ ତିଆରି ହେଉଛି, ତାହା ଆମ ଯୁବକ/ଯୁବତୀମାନଙ୍କର କ୍ଷମତାକୁ ବଢ଼ାଇ ଦେଉଛି ।"ସେ କହିଛନ୍ତି ଯେ, ଭାରତ ସରକାରର ଜୋର୍ ଏବେ ପ୍ରାଇଭେଟ୍ ସେକ୍ଟରରେ ନୂତନ ରୋଜଗାର ସୃଷ୍ଟି ଉପରେ ବି ରହିଛି । ନିକଟରେ ସରକାର ରୋଜଗାର ସହିତ ସଂପୃକ୍ତ ପ୍ରୋତ୍ସାହନ ଯୋଜନାକୁ ମଧ୍ୟ ମଞ୍ଜୁରୀ ଦେଇଛନ୍ତି ।

### ରୋଜଗାର ମେଳାରେ...

ନିଯୁକ୍ତି ପତ୍ର ବିତରଣ କରିଥିଲେ । ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ପ୍ରାର୍ଥୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ୫୧,୦୦୦ ରୁ ଅଧିକ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଅନୁଷ୍ଠିତ ହୋଇଛି । ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ 'ରୋଜଗାର ମେଳା' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିବଦ୍ଧତା ପୂରଣ କରିବା ଦିଗରେ ଏକ ପଦକ୍ଷେପ ।

ଭାରତ ହେଉଛି ଯୁବଶକ୍ତିର ଦେଶ । ସେମାନଙ୍କୁ ସଶକ୍ତ କରିବା ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି । ଏହି ପରିପ୍ରେକ୍ଷୀରେ ଯୁବା-ସଶକ୍ତିକରଣ ଏବଂ ଜାତୀୟ ବିକାଶରେ ଯୁବପିଢ଼ିର ଅଂଶଗ୍ରହଣ ପାଇଁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବା ହେଉଛି ଏହି ରୋଜଗାର ମେଳାର ମୂଳ ଉଦ୍ଦେଶ୍ୟ । ଓଡ଼ିଶା ସମେତ ସାରା ଦେଶରେ ରୋଜଗାର ମେଳା ମାଧ୍ୟମରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରାଯିବା ଖୁସିର ବିଷୟ । ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସେ ଆହୁରି କହିଛନ୍ତି, ଆଜି ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି । ମୋଦୀ ସରକାରଙ୍କ ସଫଳ ନୀତି ଓ କଲ୍ୟାଣକାରୀ ଯୋଜନା କାରଣରୁ ଦେଶର ପ୍ରାୟ ୨୫ କୋଟି ଏବଂ ଓଡ଼ିଶାର ପ୍ରାୟ ୧ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ ହୋଇ ବିକାଶ ସହ ଯୋଡ଼ି ହୋଇଛନ୍ତି । ଦେଶରେ ଡିଜିଟାଲ ଅର୍ଥ କାରବାର, କ୍ୟାପିଟାଲ୍ ପୁଞ୍ଜିନିବେଶ ବଢିଛି । ଟେକ୍ନୋଲୋଜି, ଇନୋଭେସନ, ଷ୍ଟାର୍ଟଅପ୍ ଭଳି ବିଭିନ୍ନ କ୍ଷେତ୍ରରେ ଭାରତର ରୂପରେଖ ବଦଳିଛି । ବିଶ୍ୱ ବନ୍ଧୁ ଭାବରେ ଭାରତ ନୂଆ ପରିଚୟ ପାଇଛି । ଏହାକୁ ଦୃଷ୍ଟିରେ ରଖି ଆମେ ଯୁବପିଢ଼ିଙ୍କ ଇନୋଭେସନ, ଦକ୍ଷତା ଏବଂ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାର ଲକ୍ଷ୍ୟ ହାସଲ କରିବା ଆବଶ୍ୟକ ।

ଶ୍ରୀ ପ୍ରଧାନ ଏହି ଅବସରରେ ରେଳ ବିଭାଗରେ ସର୍ବାଧିକ ୧୪୩ ଜଣ, ଭାରତୀୟ ଡାକ ବିଭାଗରେ ୩୬ ଜଣ, ଆର୍ଥିକ ବିଭାଗ(ଏସଏଲବିସି)ରେ ୯ ଜଣ, ରାଜସ୍ୱ ବିଭାଗରେ ୬ ଜଣ, ଗୃହ ବିଭାଗର ସିଆରପିଏଫ ଏବଂ ସିଆଇଏସଏଫ ବିଭାଗରେ ୨ ଜଣ ଏବଂ ଶିକ୍ଷା ମନ୍ତ୍ରଣାଳୟର ଆଇଜର ବ୍ରହ୍ମପୁର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏମ୍ସ, ଭୁବନେଶ୍ୱରରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ।

### ପ୍ରିନ୍ସିପାଲ...

ଦେହରେ ନିଆଁ ଲାଗିବା ପରେ ଛାତ୍ରୀଜଣକ ଗୁରୁତର ଅବସ୍ଥାରେ ଛଟପଟ ହେଉଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ମାନେ ମଧ୍ୟ ଆହତ ହୋଇଛନ୍ତି । ସେମାନେ ବାଲେଶ୍ୱର ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି ।

କଲେଜ ଅଧ୍ୟାପକ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ସେ କଲେଜ ଅଧ୍ୟକ୍ଷକଙ୍କ ପାଖରେ ଅଭିଯୋଗ କରିଥିଲେ । ଅଭିଯୋଗର ତଦନ୍ତ ପାଇଁ କଲେଜ କର୍ତ୍ତୃପକ୍ଷ ଏକ ଇଣ୍ଟରନାଲ କମିଟି ଗଠନ କରିଥିଲେ । ଅନ୍ୟପଟେ ଛାତ୍ରୀ ଜଣକ ଅଧ୍ୟାପକ ଅସଦାଚରଣ କରୁଥିବା ନେଇ ଥାନାର ମଧ୍ୟ ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଛାତ୍ରୀଙ୍କ ବୟାନ ମଧ୍ୟ ରେକର୍ଡ କରିଥିଲା । ଶନିବାର କଲେଜ ଅଧ୍ୟକ୍ଷ ପୀଡିତା ଛାତ୍ରୀଙ୍କୁ କଥା ହେବା ପାଇଁ ଡାକିଥିଲେ । ପ୍ରିନ୍ସିପାଲଙ୍କ ପ୍ରକୋଷ୍ଠରୁ ବାହାରିବା ପରେ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଅନୁଭବ କରିବା ପରେ ପୀଡିତା ଚରମ ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି ।

ଅନ୍ୟପକ୍ଷରେ ଏହି ଘଟଣାରେ ଉଚ୍ଚଶିକ୍ଷା ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଫକୀର ମୋହନ କଲେଜର୍ ଅଧକ୍ଷ ଦିଲ୍ଲୀପ ଘୋଷଙ୍କୁ ସସ୍‌ପେଣ୍ଡ କରାଯାଇଥିବା ବେଳେ ଆସିଷ୍ଟାଣ୍ଟ ପ୍ରଫେସର ସମୀର ସାହୁଙ୍କୁ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି । ଅଭିଯୁକ୍ତ ସମୀର ସାହୁଙ୍କୁ ପୋଲିସ ଗିରଫ କରିଛି ।

### ଛାତ୍ରୀଙ୍କ ଆତ୍ମାହୁତି ...

ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ତ୍ୱରିତ ତଥା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କଲେଜର ଅଧ୍ୟକ୍ଷ ଓ ସମ୍ପୃକ୍ତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଲମ୍ବନ କରାଯାଇଛି । ଏହା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଜଣେ ମହିଳା ଯୁଗ୍ମ ସଚିବ ଓ ଜଣେ ବରିଷ୍ଠ ମହିଳା ଶିକ୍ଷାବିତଙ୍କୁ ନେଇ ଏକ କମିଟି ଗଠନ କରାଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଛାତ୍ରୀଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି । ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆଶୁ ଆରୋଗ୍ୟ କାମନା କରୁଛି ।

ଭୁବନେଶ୍ୱରର ଏମ୍ସରେ ଗୁରୁତର ଭାବେ ଭର୍ତ୍ତି ହୋଇଥିବା ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶନିବାର ସନ୍ଧ୍ୟାରେ ଭେଟିଛନ୍ତି । ସଂପୃକ୍ତ ଛାତ୍ରୀଙ୍କ ଚିକିତ୍ସା ଜାରି ରହିଥିବା ବେଳେ ମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଛାତ୍ରୀଙ୍କୁ ଟ୍ରମା କେୟାର ୟୁନିଟରୁ ବର୍ଣ୍ଣ ୱାର୍ଡ଼କୁ ସ୍ଥାନାନ୍ତର କରାଯାଇଛି । ଏମ୍ସରେ ଚିକିତ୍ସାଧୀନ ଥିବା ଛାତ୍ରୀଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ସମସ୍ତ ଚେଷ୍ଟା କରୁଛୁ ବୋଲି ମନ୍ତ୍ରୀ କହିଛନ୍ତି ।

### ଏମ୍ସ ଭୁବନେଶ୍ୱରର...

ଉପସ୍ଥିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବା ନେଇ ମତରଖିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ।

ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ (ଲୋକସଭା), ଭୁବନେଶ୍ୱର ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି ।

ଚଳିତ ବର୍ଷ, ମୋଟ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଏହି ସୂଚୀରେ, ୧୯୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ୧୫୮ ଜଣ ବିଶେଷଜ୍ଞ(ପିଜି) ଡାକ୍ତର, ୪୯ ଜଣ ସୁପର ସ୍ପେଶିଆଲିଟି(ଡିଏମ୍/ଏମ୍‌ସିଏଚ୍), ୨୧ ଜଣ ପୋଷ୍ଟ-ଡକ୍ଟରାଲ୍ ଫେଲୋ (ପିଡିଏଫ୍), ୧୧୬ ଜଣ ବିଏସସି ନର୍ସିଂ, ୬୨ଜଣ ବିଏସସି ପାରାମେଡିକାଲ୍, ୪୧ ଜଣ ଏମ୍ଏସସି ନର୍ସିଂ, ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ । ଅସାଧାରଣ ଶିକ୍ଷାଗତ ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ, ୧୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମଡ଼ି/ଏମ୍ଏସ, ଜଣେ ଡିଏମ୍/ଏମସିଏଚ୍, ୩ ଜଣ ବିଏସସି ନର୍ସିଂ, ୭ ଜଣ ବିଏସ୍‌ସି ପାରାମେଡିକାଲ୍, ଦୁଇ ଜଣ ଏମ୍ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୫୯ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ।

ଏହି ଅବସରରେ ଡ. ପି.ଆର ମହାପାତ୍ର (ଡିନ୍), ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର (ଡିଡିଏ), ଡ. ସୁଦୀପ୍ତ ରଞ୍ଜନ ସିଂହ (କୁଳସଚିବ), ଡ. ଦିଲ୍ଲୀପ କୁମାର ପରିଡ଼ା (ମେଡିକାଲ୍ ଅଧୀକ୍ଷକ) ଏବଂ ଡ. ବିକାଶ ଭାଟିଆଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ନିୟୋଜିତ ହେବେ ...

୧୮୦ ଜଣ ସବ ଇନ୍‌ସପେକ୍ଟର ନିୟୋଜିତ ହେବେ । ରାଜଭବନ ସମେତ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ସୁରକ୍ଷା ବ୍ୟବସ୍ଥା କରାଯିବ । ରବିବାର କମିଶନରେଟ୍ ପୋଲିସ ପକ୍ଷରୁ କାରକେଡ୍ ରିହରସଲ୍ କରାଯିବ । ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

### ଆନ୍ଦୋଳନରୁ ...

ପୁରୀ, କଟକ, କେନ୍ଦ୍ରାପଡ଼ା ଏବଂ ସମ୍ବଲପୁର ସମେତ ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଛି ।

### ଅହମ୍ମଦାବାଦ ବିମାନ...

ଆମେ ସମସ୍ତ ବିବରଣୀ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋକୁ ପ୍ରେରଣ କରୁଛୁ ।" ଏଠାରେ ଉଲ୍ଲେଖନୀୟ ଯେ, ଗୁଜରାଟର ଅହମ୍ମଦାବାଦରେ ଘଟିଥିବା ଏହି ଭୟାବହ ବିମାନ ଦୁର୍ଘଟଣାରେ ୨୬୦ ଜଣ ମୃତ୍ୟୁବରଣ କରିଥିଲେ, ଯେଉଁଥିରେ ୨୨୯ ଜଣ ଯାତ୍ରୀ, ୧୨ ଜଣ ଚାଳକ ଦଳର ସଦସ୍ୟ ଓ ୧୯ ଜଣ ତଳେ ଥିବା ଲୋକ ଅନ୍ତର୍ଭୁକ୍ତ ଥିଲେ । ଏହି ରିପୋର୍ଟରେ ଉଡ଼ାଣ ଆରମ୍ଭ ହେବା ପରେ ମାତ୍ର ୯୦ ସେକେଣ୍ଡ ମଧ୍ୟରେ ଘଟିଥିବା ଭୟାନକ ଘଟଣାକ୍ରମର ବିବରଣୀ ଦିଆଯାଇଛି । ବିମାନ ଉପରକୁ ଉଠୁଥିବା ସମୟରେ ଦୁଇଟି ଇଞ୍ଜିନ୍ ଅପ୍ରତ୍ୟାଶିତ ଭାବରେ ବନ୍ଦ ହୋଇଯାଇଥିଲା । ଏହାର ଫଳରେ ବିମାନର ଥ୍ରଷ୍ଟ ବହୁତ କମ୍ ହୋଇଯାଇଥିଲା ଓ ବିମାନ ଦ୍ରୁତ ଗତିରେ ତଳକୁ ଖସିଯିବା ଆରମ୍ଭ କରିଥିଲା । ଏହି ବିମାନ ଦୁର୍ଘଟଣାର ଅନ୍ତିମ ରିପୋର୍ଟ କିଛି ମାସ ଭିତରେ ଆସିବାର ଆଶା ରହିଛି । ଏହି ଦୁର୍ଘଟଣା ୧୨ ଜୁନ ତାରିଖରେ ଘଟିଥିଲା ଓ ଏହାକୁ ଭାରତର ନିକଟତମ ଇତିହାସରେ ସବୁଠୁ ଘାତକ ବିମାନ ଦୁର୍ଘଟଣା ବୋଲି କୁହାଯାଉଛି ।

## ନାରୀବାଦର ସକାରାତ୍ମକ ଉଦ୍‌ଘୋଷିକା ହେଉଛନ୍ତି କବି ବିଦ୍ୟୁତପ୍ରଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ଆଜି ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହର ଆୟୋଜନ କରାଯାଇଥିଲା ।




ଏହି କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, 'ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ସମାରୋହରେ ଯୋଗଦେବା ମୋର ସୌଭାଗ୍ୟ । ବାଲ୍ୟାବସ୍ଥାରୁ ବିଦ୍ୟୁତପ୍ରଭା ଦେବୀଙ୍କର ସାହିତ୍ୟ ପ୍ରତି ରହିଥିବା ସାଧନା ଓ ସମର୍ପଣ ଭାବ ଆମ ସମସ୍ତଙ୍କୁ ପ୍ରେରିତ କରିଛି । ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ବିଦ୍ୟୁତପ୍ରଭା ଦେବୀଙ୍କ କଥା ମନେପଡେ । ଲବ୍ଧ ପ୍ରତିଷ୍ଠିତ କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ । ବିଦ୍ୟୁତପ୍ରଭା ଦେବୀଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ଆଜିର କୃତ୍ରିମ ବୁଦ୍ଧିମତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ଉଚିତ । ଆମ ଓଡ଼ିଆ ସାହିତ୍ୟ ଯେପରି ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ସେଥିପାଇଁ ଆମେ ନିଜର ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ ।' ସମ୍ମାନିତ ଅତିଥିଭାବେ ଯୋଗଦେଇ ପଦ୍ମଭୂଷଣ ଡ଼. ପ୍ରତିଭା ରାୟ କହିଥିଲେ ଯେ, 'କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା । ବିଦ୍ୟୁତପ୍ରଭାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି । ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି । ପ୍ରେମ ଓ ବେଦନାରୁ କବିତା ଜନ୍ମ ହୋଇଥାଏ, ବିଦ୍ୟୁତପ୍ରଭାଙ୍କ କବିତାରେ ଉଭୟର ଝଲକ ଦେଖିବାକୁ ମିଳେ ।' ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, 'ନାରୀବାଦର ସକାରାତ୍ମକ ଉଦ୍‌ଘୋଷିକା ଓ ନାରୀଶକ୍ତିର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କବି ବିଦ୍ୟୁତପ୍ରଭା । ତାଙ୍କ ଲେଖନୀରେ ପ୍ରସ୍ଫୁଟିତ ହୋଇଥିବା କବିତା ନାରୀ ସଶକ୍ତିକରଣର କଥା କହିଛି । ଏକ ସଶକ୍ତ ରାଷ୍ଟ୍ର ଓ ସଶକ୍ତ ସମାଜ ଗଠନରେ ନାରୀଶକ୍ତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଆଗକୁ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଗଠନ ପାଇଁ ଆମ ସରକାର ଯେଉଁ ପରିକଳ୍ପନା କରିଛନ୍ତି, ତାହାର ନେତୃତ୍ୱ ଆମ ନାରୀ ସମାଜ, ଆମ ଛାତ୍ରୀ ସମାଜ ନେବେ ବୋଲି ମୋର ଦୃଢ଼ ବିଶ୍ୱାସ । ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବାର ଲକ୍ଷ୍ୟକୁ ପୂରଣ କରିବା ସହିତ ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଶ୍ୱବିଦିତ କରିବା ପାଇଁ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ । ଆମ ଭାଷା ଦିନେ ତାଳପତ୍ରରୁ କାଗଜ ଯାଏଁ ଆସିଥିଲା । ବର୍ତ୍ତମାନ କାଗଜରୁ କ୍ଲାଉଡ଼ ପର୍ଯ୍ୟନ୍ତ ରହିଥିବା ଯାତ୍ରା ଅର୍ଥାତ ଭାଷାକୁ ଡିଜିଟାଇଜ କରିବା ନିମନ୍ତେ ଆମକୁ ହିଁ ଉଦ୍ୟମ କରିବାକୁ ପଡିବ ଓ ଆମେ ସମସ୍ତେ ଏଥିରେ ସଫଳ ହେବା ବୋଲି ମୋର ବିଶ୍ୱାସ' । ଏକାମ୍ର ବିଧାୟକ ବାବୁ ସିଂ କହିଥିଲେ ଯେ, 'ସାହିତ୍ୟ ଓ ସଂସ୍କୃତି ଆମ ସମାଜର ଦର୍ପଣ । ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ଧ୍ରୁବତାରା । ତାଙ୍କର ଜୀବନୀ, ତାଙ୍କର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଆଦର୍ଶରେ ଆମ ଯୁବପିଢ଼ି ପ୍ରେରିତ ହୋଇ ଏକ ସଶକ୍ତ ସମାଜ ଗଠନ ନିମନ୍ତେ କାର୍ଯ୍ୟ କରିବେ ବୋଲି ମୁଁ ଆଶା କରୁଛି ।' କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋକପାତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା ଶିବିରକୁ ମୁଖ୍ୟ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଶିଳ୍ପୀଙ୍କ ତୂଳୀରେ ପ୍ରସ୍ଫୁଟିତ ଚିତ୍ରକଳାକୁ ଶ୍ରୀ ପ୍ରଧାନ ବେଶ୍ ପ୍ରଶଂସା କରିଥିଲେ । ଏଥିସହିତ ଆଜିର କାର୍ଯ୍ୟକ୍ରମରେ 'ବାଜିରାଉତ' ଶୀର୍ଷକ ପୁସ୍ତକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା 'କୋଣାର୍କ' ଉନ୍ମୋଚିତ ହୋଇଥିଲା । ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା ଆଜିର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀବୃନ୍ଦ, ସାହିତ୍ୟିକ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାର ଦାୟୀ: ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଫକୀର ମୋହନ ମହାବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୋଲିସର ନିଷ୍କ୍ରିୟତା, ଏହାସହ ବାଲେଶ୍ୱର ସାଂସଦଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛି ବିଜେଡି । ରାଜ୍ୟରେ ନାରୀ ନ୍ୟାୟ ପାଇବା ପାଇଁ କାହା ପାଖରେ ଦ୍ୱାରସ୍ଥ ହେବ ବୋଲି ବିଜେଡି ପ୍ରଶ୍ନ କରିଛି । ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମତୀ ଇପ୍‌ସିତା ସାହୁ କହିଛନ୍ତି ଯେ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଗତ ଜୁଲାଇ ୧ ତାରିଖରେ ଲିଖିତ ଭାବେ ଜୈନିକ ଅଧ୍ୟାପକ ତାଙ୍କଠାରୁ ଶାରୀରିକ ସୁଖ ପାଇଁ ଚାହୁଁଥିଲା ଭଳି ସଂଗୀନ ଅଭିଯୋଗ କରିଥିଲେ, ଅଧ୍ୟକ୍ଷ ଏହି ଅଭିଯୋଗକୁ ଗୁରୁତର ସହ ନେଇନଥିଲେ । ଫଳରେ ଅଧ୍ୟକ୍ଷ କୌଣସି ତ୍ୱରିତ ପଦକ୍ଷେପ ନ ନେବାରୁ ଛାତ୍ରୀ ଜଣଙ୍କ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ସେଠାରେ ମଧ୍ୟ ନ୍ୟାୟ ପାଇବାରେ ବିଫଳ ହେବାରୁ ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ । ଯାହାକୁ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି । କିନ୍ତୁ ବିଡମ୍ବନାର କଥା ଶ୍ରୀ ଷଡଙ୍ଗୀ ଛାତ୍ରୀ ଜଣଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଘଟଣାକୁ ହାଲକା ଭାବେ ନେବା ଦ୍ୱାରା ଆଜି ଛାତ୍ରୀ ଜଣଙ୍କ ଦୀର୍ଘ ୧୨ ଦିନ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ । ଛାତ୍ରୀ ଜଣଙ୍କ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟା ହୋଇଥିଲେ ମଧ୍ୟ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଓ ନ୍ୟାୟ ଦେଇପାରିଲେ ନାହିଁ । ହେଲେ ଜଣେ ସାଧାରଣ ଛାତ୍ରୀ ଏହି ସରକାରଠାରୁ ସୁରକ୍ଷା ଓ ନ୍ୟାୟ କିଭଳି ଆଶା କରିବ ? ଛାତ୍ରୀ ଜଣଙ୍କ ଏବିଭିପିର ସଦସ୍ୟା ହୋଇଥିଲେ ମଧ୍ୟ ଆମ ପାଇଁ ନାରୀର ସୁରକ୍ଷା ଓ ସମ୍ମାନ ସର୍ବଉପରେ । ଏହି ଛାତ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢେଇ ଜାରି ରଖିବ । ଏହି ବର୍ବରୋଚିତ ଘଟଣା ଘଟିଲା ପରେ କଲେଜ ଅଧ୍ୟକ୍ଷ ଯେଉଁ ଦାୟିତ୍ୱହୀନ ଭାବେ ଗଣମାଧ୍ୟମରେ ମନ୍ତବ୍ୟ ଦେଲେ ଯେ, ଏହା ଏକ ବଡ ଅଭିଯୋଗ ନୁହେଁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଅଧ୍ୟକ୍ଷ ଦୋଷୀଙ୍କୁ ସୁରକ୍ଷା ଦେବା ପାଇଁ ଆପ୍ରାଣ ଚେଷ୍ଟା କରୁଛନ୍ତି । ତେଣୁ ଅଧ୍ୟକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରି ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି । ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ନୃଶଂସ ଭାବେ ଗଣଦୁଷ୍କର୍ମ କରାଗଲା, ଏହି ଲୋମହର୍ଷଣକାରୀ ଘଟଣା ଛାତ୍ର ସମାଜର ମନରୁ ନଲିଭିଥିଲା ବେଳେ ଫକୀର ମୋହନ କଲେଜରେ ଆଜିର ଏହି ଘଟଣା ସେମାନଙ୍କୁ ଅଧିକ ମର୍ମାହତ କରିଛି । ଏହି ଘଟଣାରେ ସ୍ପଷ୍ଟ ପ୍ରତୀୟମାନ ହେଉଛି, ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛନ୍ତି । ଯାହା ଦର୍ଶାଉଛି ରାଜ୍ୟ ସରକାର ନାରୀମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଶ୍ରୀମତୀ ସାହୁ ଅଭିଯୋଗ କରିଛନ୍ତି । ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିବା ପାଇଁ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ଗସ୍ତ କରି ପୀଡିତାଙ୍କ ଭାଇଙ୍କ ସହିତ ଘଟଣା ସଂପର୍କରେ ଆଲୋଚନା କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗୀନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଧାୟକ ଶ୍ରୀଯୁକ୍ତ ଗୌତମ ବୁଦ୍ଧ ଦାସ, ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର, ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ମୁଖପାତ୍ର ଶ୍ରୀମତୀ ଇପ୍‌ସିତା ସାହୁ ପ୍ରମୁଖ ରହିଛନ୍ତି ।

ଭୁବନେଶ୍ୱର
୧୩ ଜୁଲାଇ,
ରବିବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ଉପମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ପ୍ରଦାନ କଲେ କୃଷି ପାଇଁ ଓଡ଼ିଶାକୁ ମିଳିଥିବା ଶ୍ରେଷ୍ଠ ରାଜ୍ୟ ପୁରସ୍କାର



**ଭୁବନେଶ୍ୱର,୧୨/୭ ନ୍ୟୁଜ ବ୍ୟୁରୋ**
ଗତ ୯ ତାରିଖରେ ନୂଆଦିଲ୍ଲୀଠାରେ ଏଗ୍ରିକଲଚର ଟୁଡେ ଗ୍ରୁପ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ୧୬ତମ ଏଗ୍ରିକଲଚର ଲିଡ଼ରସିପ କନକ୍ଲେଭ ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାରକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରିଥିଲେ। ଏବେ ଓଡ଼ିଶା ଫେରିବା ପରେ ଶନିବାର ଏହି ପୁରସ୍କାରକୁ ମହାମହିମ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ଏହା କୃଷି କ୍ଷେତ୍ରରେ ଆହୁରି ଉନ୍ନତି ଆଣିବା ପାଇଁ ରାଜ୍ୟବାସୀଙ୍କୁ ପ୍ରେରଣା ଯୋଗାଇବ । କୃଷି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବର୍ଗ ବିଶେଷ କରି ଚାଷୀ ଭାଇ ଭଉଣୀଙ୍କୁ ଏଥିପାଇଁ ରାଜ୍ୟପାଳ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### ମସ୍କୋରେ ଭାରତ ଉତ୍ସବ

## ଶ୍ରେଷ୍ଠ ୫ ହସ୍ତଶିଳ୍ପରେ ସ୍ଥାନ ପାଇଲା କଟକର ତାରକସି

**କଟକ,୧୨/୦୭ ନ୍ୟୁଜ ବ୍ୟୁରୋ**
ରୁଷ୍‌ର ରାଜଧାନୀ ମସ୍କୋଠାରେ ଆୟୋଜିତ ଭାରତ ଉତ୍ସବ-୨୦୨୫ରେ କଟକ ତାରକସିର ଚମକ ଦେଖିବାକୁ ମିଳିଛି। ସାରା ଭାରତରୁ ମନୋନୀତ ଶ୍ରେଷ୍ଠ ୫ଟି ହସ୍ତଶିଳ୍ପ ସାମଗ୍ରୀ ଏଠାରେ ପ୍ରଦର୍ଶିତ ହୋଇଛି । ଏଥିରେ ସ୍ଥାନ ପାଇଛି କଟକର ରୁପା ତାରକସି। ତାରକସିକୁ ସେଠାକୁ ନେଇ ଯାଇଛନ୍ତି କଟକର ପ୍ରସିଦ୍ଧ କାରିଗର ପଙ୍କଜ କୁମାର ସାହୁ। ତାରକସିକୁ ଜିଆଇ ମାନ୍ୟତା ମିଳିବା ପରେ ଏଭଳି ଏକ ବିଶ୍ୱସ୍ତରୀୟ ମଞ୍ଚରେ ଏହି ସାମଗ୍ରୀ ପ୍ରଦର୍ଶିତ ହେବା କଟକ ପାଇଁ ଗୌରବ ଆଣିଛି। ପଙ୍କଜଙ୍କ ଘର କାଫଲାବଜାର ଅଞ୍ଚଳରେ ହୋଇଥିବାବେଳେ ପୂର୍ବରୁ ସେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାଗ ନେଇସାରିଛନ୍ତି। ଅତୀତରେ ଓଡ଼ିଶାରେ ଅନୁଷ୍ଠିତ ହକି ବିଶ୍ୱକପରେ ଖେଳାଳି ଓ ଅତିଥିମାନଙ୍କୁ ଦିଆଯାଇଥିବା ତାରକସି ସ୍ମାରକୀ ତିଆରି କରି ଶ୍ରୀ ସାହୁ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲେ।




ମସ୍କୋରେ ଥିବା ଭାରତୀୟ ଦୂତାବାସ ଓ ରୁଷ ସରକାରଙ୍କ ସହଯୋଗରେ ଭାରତ ଉତ୍ସବ-୨୦୨୫ ଆୟୋଜନ ହେଉଛି । ଗତ ୫ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଛି । ଭାରତ-ରୁଷ୍ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ୍ କରୁଥିବା ଏହି ଉତ୍ସବକୁ ରୁଷରେ ଥିବା ଭାରତର ରାଷ୍ଟ୍ରଦୂତ ବିନୟ କୁମାର ଏବଂ ମସ୍କୋ ସହର ପର୍ଯ୍ୟଟନ କମିଟିର ଉପାଧ୍ୟକ୍ଷ ବୁଲାଟ ନୁରମୁଖାନୋଭ ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ। ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରୋତ୍ସାହନ ପରିଷଦ (ଇପିସିଏଚ୍) ଏବଂ ବିକାଶ କମିସନର (ହସ୍ତଶିଳ୍ପ) କାର୍ଯ୍ୟାଳୟ ସହଯୋଗରେ ଭାରତର ସ୍ୱତନ୍ତ୍ର ହସ୍ତଶିଳ୍ପକୁ ପ୍ରତିନିଧିତ୍ୱ କରୁଥିବା ପାଞ୍ଚ ଜଣ ମାଷ୍ଟର କାରିଗର ଏଥିରେ ଅଂଶଗ୍ରହଣ କରିଛନ୍ତି। ଧାତୁ ଶିଳ୍ପ, ମଧୁବନୀ ଚିତ୍ରକଳା, ପଶ୍ମିନା ବୟନ, କାଠ ଖୋଦନ ଏବଂ ରୁପା ତାରକସି ଅଳଙ୍କାରର ଲାଇଭ୍ ପ୍ରଦର୍ଶନ କରାଯାଉଛି, ଯାହା ଦର୍ଶକମାନଙ୍କ ଆଗରେ ଭାରତୀୟ କାରିଗରିର ଉତ୍କର୍ଷ ପ୍ରତିପାଦନ କରୁଛି। ପ୍ରଦର୍ଶନୀକୁ ଆସୁଥିବା ଅଧିକାଂଶ ବ୍ୟକ୍ତି କଟକ ରୁପା ତାରକସି କାର୍ଯ୍ୟକୁ ଦେଖି ବିମୋହିତ ହେଉଛନ୍ତି । ତାରକସିର ସୂକ୍ଷ୍ମ କଳାକୌଶଳକୁ ଲୋକେ ପସନ୍ଦ କରୁଛନ୍ତି। ପଙ୍କଜ କୁମାର ସାହୁ ମଧ୍ୟ ସ୍ୱଦେଶୀ ବେଶ୍‌ରେ ବାନ୍ଧ କୁର୍ତ୍ତା ପିନ୍ଧି ତାରକସି କାରିଗରି ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି।

## କିମ୍ସରେ ଅତ୍ୟାଧୁନିକ ଇଲେକ୍ଟ୍ରୋନ ବିମ୍ ଥେରାପି ଦ୍ୱାରା କର୍କଟ ରୋଗର ସଫଳ ଚିକିତ୍ସା




**ଭୁବନେଶ୍ୱର, ୧୨।୭ ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା ପାଇଁ ଏକ ବଡ଼ ସଫଳତା। ଅତ୍ୟାଧୁନିକ ଇଲେକ୍ଟ୍ରୋନ୍ ବିମ୍ ଥେରାପି (ଇବିଟି) ପଦ୍ଧତିରେ କିମ୍ସ ଅନ୍‌କୋଲୋଜି ବିଭାଗରେ ଜଣେ ରୋଗୀଙ୍କଠାରେ ଏହି ରୋଗର ସଫଳ ଚିକିତ୍ସା କରାଯାଇପାରିଛି। କ୍ୟୁଟେନିଅସ୍ ଟି-ସେଲ ଲିମ୍ଫୋମା ନାମକ ଏକ ପ୍ରକାରର କର୍କଟ ରୋଗ ସହ ଜନୈକ ରୋଗୀ ସଂଗ୍ରାମ କରୁଥିଲେ। ଏହା ରୋଗୀଙ୍କ ଚର୍ମରେ କ୍ଷତ ସୃଷ୍ଟି କରି ସମଗ୍ର ଶରୀରର ଏକାଧିକ ସ୍ଥାନରେ କିଛି କିଛି ମାଂସ ବୃଦ୍ଧି ହୋଇ ଯନ୍ତ୍ରଣା ହେଉଥିଲା। କିମ୍ସକୁ ଆସିବା ପୂର୍ବରୁ ସେ ଏଥିରୁ ରକ୍ଷା ପାଇବା ପାଇଁ ଅସ୍ତ୍ରୋପଚାର କରିସାରିଥିଲେ ଏବଂ କେମୋଥେରାପି ମଧ୍ୟ କରିଥିଲେ। ରୋଗୀ ଜଣକ କିମ୍ସ କ୍ୟାନସର ସେଣ୍ଟରରେ ପହଞ୍ଚିବା ପରେ ଏକାଧିକ ନୋଡ୍ୟୁଲାର କ୍ଷତ ଯୋଗୁଁ ତାଙ୍କର ଯନ୍ତ୍ରଣା ହେବା ସହ ତରଳ ପଦାର୍ଥ ସ୍ରାବ ହେଉଥିଲା। କିମ୍ସ ବିଶେଷଜ୍ଞ ଡା ସ୍ମିତି ଦାସଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କର ପରୀକ୍ଷା କରିଥିଲେ। ଶେଷରେ ଆକ୍ରାନ୍ତ ସ୍ଥାନରେ ଇଲେକ୍‌ଟ୍ରୋନ ବିମ ଥେରାପି ପଦ୍ଧତିରେ ଚିକିତ୍ସା ପାଇଁ ଯୋଜନା କରିଥିଲେ। ଏହି ପ୍ରକ୍ରିୟାରେ ସାଧାରଣତଃ ଉଚ୍ଚ ଶକ୍ତିଯୁକ୍ତ ଇଲେକ୍ଟ୍ରୋନ୍‌କୁ ନେଇ ଏକ କେନ୍ଦ୍ରୀଭୂତ ବିମ୍ ଜରିଆରେ ଆଖପାଖ ସୁସ୍ଥ ତନ୍ତୁ ଉପରେ ସର୍ବନିମ୍ନ ପ୍ରଭାବ ସହିତ ଚର୍ମରେ କର୍କଟ କୋଷଗୁଡ଼ିକୁ ନଷ୍ଟ କରିବା ପାଇଁ ବ୍ୟବହାର କରାଯାଏ। ନିରନ୍ତର ୩.୫ ସପ୍ତାହର ପ୍ରୟାସ ପରେ ରେଡିଏସନ୍ ଅଙ୍କୋଲୋଜି ଦଳ ଏହି ଚିକିତ୍ସା କରି ସଫଳତା ପାଇଥିଲେ। ଏବେ ରୋଗୀ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ଡା ସ୍ମିତି ଦାସଙ୍କ ନେତୃତ୍ୱରେ ଏହି ଅଭିଯାନରେ ଡା ମାନିକା ବର୍ମା, ଜୁନିୟର କନସଲଟାଣ୍ଟ ଶୁଭାଶିଷ ତ୍ରିପାଠୀ, କ୍ଲିନିକାଲ୍ ଆସିଷ୍ଟାଣ୍ଟ ଆଶିଷ ମସାନ୍ତ, ଅବନ୍ତୀ ଭୂୟାଁ, ବିକିରଣ ସୁରକ୍ଷା ଅଧିକାରୀ ଅସିତ ପାଣିଗ୍ରାହୀ, ଜେସମିନ୍ ଅହମ୍ମଦ, ବରିଷ୍ଠ ରେଡିଏସନ୍ ଥେରାପି ଟେକ୍ନୋଲୋଜିଷ୍ଟ କୃଷ୍ଣ ପ୍ରସାଦ ଶି, ଦିପ୍ତିମଞ୍ଜରୀ ଶା, ସୌହାର୍ଦ୍ଦ୍ୟ, ସୌରଭ, କିଶୋର ବିଶ୍ୱାଳ, ବିଶାଳ ତଥା ବିକିରଣ ଅଙ୍କୋଲୋଜି ବିଭାଗର ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ଇବିଟି ହେଉଛି ଏକ ପ୍ରକାରର ବିକିରଣ ଚିକିତ୍ସା ଯାହା କର୍କଟ କୋଷଗୁଡ଼ିକୁ ନଷ୍ଟ କରିବା ପାଇଁ ଉଚ୍ଚ-ଶକ୍ତି ଇଲେକ୍ଟ୍ରୋନ ବ୍ୟବହାର କରାଯାଇଥାଏ। ଏହା ବିଶେଷ ଭାବରେ ଚର୍ମ କର୍କଟ, ସ୍ତନ କର୍କଟ, ଏଚଏନସି (ମଥା ଏବଂ ଗଳା କର୍କଟ) ଏବଂ ଚର୍ମ ଲିମ୍ଫୋମା ଭଳି ନିକଟତର ପୃଷ୍ଠ କର୍କଟ ପାଇଁ ଉପଯୋଗୀ। ଇବିଟିର ସଠିକତା ଏବଂ ନମନୀୟତା କମ୍ ପାର୍ଶ୍ୱ ପ୍ରତିକ୍ରିୟା ସହ ରୋଗ ଶୀଘ୍ର ଉପଶମ କରାଇଥାଏ। ଏହାକୁ ବିଭିନ୍ନ କର୍କଟ ରୋଗ ବିରୋଧରେ ଲଢ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ବୋଲି କୁହାଯାଉଛି।

## ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ସେଡ : ଖରା ବର୍ଷାରୁ ପର୍ଯ୍ୟଟକଙ୍କୁ ମିଳିବ ସୁରକ୍ଷା



**କୋଣାର୍କ,୧୨/୭ ନ୍ୟୁଜ ବ୍ୟୁରୋ**
କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ପର୍ଯ୍ୟଟକମାନେ କିଭଳି ଖରା ଓ ବର୍ଷାରୁ ରକ୍ଷା ପାଇବେ ସେ ନେଇ ସେଡ ନିର୍ମାଣ ହେଉଛି । ସୂର୍ଯ୍ୟ ମନ୍ଦିର ପରିସରରେ ପର୍ଯ୍ୟଟକମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିଲା । ଏଣିକି ପର୍ଯ୍ୟଟକମାନଙ୍କୁ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ଅନ୍ୟପଟେ ପର୍ଯ୍ୟଟକମାନେ ସାଙ୍ଗରେ ଆଣୁଥିବା ବ୍ୟାଗ୍ ଏବଂ ଅନ୍ୟାନ୍ୟ ଜିନିଷପତ୍ର ମନ୍ଦିର ଭିତରକୁ ବିନା ଯାଞ୍ଚରେ ନେଉଛନ୍ତି । ଫଳରେ ସୂର୍ଯ୍ୟ ମନ୍ଦିର ସୁରକ୍ଷା ପାଇଁ ଏଏସଆଇ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ବାଲୁଖଣ୍ଡ ଅଭୟାରଣ୍ୟରେ ସ୍ୱାମୀ ନାରାୟଣ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ରକୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ପୁରୀ, ୧୨/୭ ନ୍ୟୁଜ ବ୍ୟୁରୋ**
ବାଲୁଖଣ୍ଡ ଅଭୟାରଣ୍ୟ ମୌଜାରେ ସ୍ୱାମୀ ନାରାୟଣ ମନ୍ଦିର ନିର୍ମାଣ ପାଇଁ ଇକୋ ସେନ୍ସିଟିଭ ଜୋନ ନିୟମ କୋହଳ କରିବାକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଇକୋ ସେନ୍ସିଟିଭ ଜୋନରେ ମନ୍ଦିର ନିର୍ମାଣକୁ ପରିବେଶବିତ୍ ନାପସନ୍ଦ କରୁଛନ୍ତି।
ପୁରୀ ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ ପ୍ରସ୍ତାବିତ ସ୍ୱାମୀ ନାରାୟଣ ମନ୍ଦିରର ନିର୍ମାଣ କାର୍ଯ୍ୟ ପାଇଁ ବାଲୁଖଣ୍ଡ ଅଭୟାରଣ୍ୟରେ ଥିବା ଇକୋ ସେନ୍ସିଟିଭ ଜୋନ ନିୟମ କୋହଳ କରିବା ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି ଓଡ଼ିଶା ସରକାର। କେନ୍ଦ୍ର ଜଙ୍ଗଲ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଚିଠି ଲେଖିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ପୁରୀ କୋଣାର୍କ ବେଳାମାର୍ଗ ବାଲୁଖଣ୍ଡ ମୌଜାର ସ୍ୱାମୀ ନାରାୟଣ ମନ୍ଦିର ଟ୍ରଷ୍ଟ ଏକ ମନ୍ଦିର ନିର୍ମାଣ ସହ ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବ। ତେବେ ଗତ ୨୦୧୭ ମସିହା ମେ' ୧୯ ତାରିଖରେ ପ୍ରକାଶିତ ନୋଟିସ ଅନୁଯାୟୀ




ବାଲୁଖଣ୍ଡ ଅଭୟାରଣ୍ୟର ପ୍ରାଚୀର ଠାରୁ ୫୦୦ ମିଟର ଯାଏ ଇକୋ ସେନ୍ସିଟିଭ ଜୋନ (ପରିବେଶ ସମ୍ବେଦନଶୀଳ ଅଞ୍ଚଳ) ଅଟେ। ଏହି ସ୍ଥାନରେ କୌଣସି ନିର୍ମାଣ କାର୍ଯ୍ୟ ହୋଇ ପାରିବ ନାହିଁ। ଜଙ୍ଗଲ, ବନ୍ୟଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା ଭଳି କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ। କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ଏହି ନିୟମ ପ୍ରଣୟନ ହୋଇଛି। ଏହି ନିୟମ ହେତୁ ବାଲୁଖଣ୍ଡ ଅଭୟାରଣ୍ୟ ମୌଜାରେ ସ୍ୱାମୀ ନାରାୟଣ ମନ୍ଦିର ଟ୍ରଷ୍ଟ ଏହାର ପ୍ରସ୍ତାବିତ ମନ୍ଦିର ନିର୍ମାଣ କରିପାରୁନାହିଁ। ତେବେ ବାଲୁଖଣ୍ଡ ଅଭୟାରଣ୍ୟରେ ପରିବେଶର ସୁରକ୍ଷା ସହିତ ଇକୋ ସେନ୍ସିଟିଭ ଜୋନ କଟକଣା କୋହଳ କରାଯାଇ ସ୍ୱାମୀ ନାରାୟଣ ମନ୍ଦିର ଟ୍ରଷ୍ଟକୁ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦିଆଯାଉ। ସେହିପରି ପୁରୀ ଡିଏଫଓ କହିଛନ୍ତି, ''ପୁରୀ ବାଲୁଖଣ୍ଡ ଅଭୟାରଣ୍ୟ ଇକୋ ସେନ୍ସିଟିଭ ଜୋନରେ ଆସୁଛି । ତେବେ ଚାଷ କାର୍ଯ୍ୟ ସହିତ କିଛି କାର୍ଯ୍ୟ ପାଇଁ ଅନୁମତି ରହିଛି। ପରିବେଶକୁ କ୍ଷତି କଲା ଭଳି କାର୍ଯ୍ୟରେ କଟକଣା ରହିଛି। ତେବେ ଇକୋ ସେନ୍ସିଟିଭ ଜୋନରେ କେଉଁ କାର୍ଯ୍ୟ ଅନୁମତି ଦିଆଯିବ ଏ ନେଇ ୧୦୦ କାଟାଗୋରି ରହୁଛି। ଏହାକୁ ଅନୁଧ୍ୟାନ କରାଯାଇ ବିଭିନ୍ନ କାର୍ଯ୍ୟ ପାଇଁ ଅନୁମତି ଦିଆଯାଏ । ତେବେ ଯଦି ଧର୍ମାନୁଷ୍ଠାନ ନିର୍ମାଣ ପାଇଁ ଆବେଦନ ଆସେ ସେମାନେ କ'ଣ ସବୁ କାର୍ଯ୍ୟ କରିବେ ସେ ନେଇ ସୂଚନା ଦେଲେ ତାହାର ଅନୁଧ୍ୟାନ କରି ନିଷ୍ପତ୍ତି ନିଆଯିବ। ତେବେ ବାଲୁଖଣ୍ଡ ଅଭୟାରଣ୍ୟ ମୌଜାରେ ସ୍ୱାମୀ ନାରାୟଣ ମନ୍ଦିର ନିର୍ମାଣ ନେଇ ମୁଁ କିଛି ଅବଗତ ନାହିଁ। ଯେହେତୁ ମୁଁ ନିକଟରେ କାର୍ଯ୍ୟରେ ଯୋଗ ଦେଇଛି ସେ ନେଇ କୌଣସି ସୂଚନା ମୋ ପାଖରେ ନାହିଁ। ତେବେ ସେମାନଙ୍କର କ'ଣ ନିର୍ମାଣ କାର୍ଯ୍ୟ କରିବେ ସେ ନେଇ ଅନୁଧ୍ୟାନ ପରେ ଯାହା କିଛି କହିହେବ। ତେବେ ଅଭୟାରଣ୍ୟ ନିକଟରେ ରହୁଥିବା ଗ୍ରାମବାସୀ ଯଦି କିଛି ପାରମ୍ପରିକ ଚାଷ କାର୍ଯ୍ୟ କରୁଛନ୍ତି ସେ ନେଇ ଅନୁମତି ରହିଛି। କେହି ଆବାସିକ ଘର ନିର୍ମାଣ କରିବାକୁ ଚାହିଁଲେ ସେ ନେଇ କିଛି କଟକଣା ନାହିଁ। ଘର ନିର୍ମାଣ ପୂର୍ବରୁ ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ ଅନୁମତି ନେବାକୁ ପଡ଼ିବ''।

## ଓଡ଼ିଶାରେ କମିଛି ଚୋରା ମଦ କାରବାର, ବଢ଼ିଛି ଆୟ: ଅବକାରୀ ମନ୍ତ୍ରୀ



**କଟକ, ୧୨/୭ ନ୍ୟୁଜ ବ୍ୟୁରୋ**
ବ୍ୟାପକ ଧରପଗଡ଼ କାରଣରୁ ରାଜ୍ୟରେ ଚୋରାମଦ କାରବାର ପ୍ରାୟ ୫୦ ପ୍ରତିଶତ କମିଛି। ପରିଣାମ ସ୍ୱରୂପ ଅବକାରୀ ରାଜସ୍ୱ ବାବଦୀୟ ଆୟ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇଛି ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ତେବେ ଚୋରା କାରବାର ରୋକିବା ଲାଗି ଅବକାରୀ ବିଭାଗକୁ ଆହୁରି ସଶକ୍ତ କରାଯିବ। ପ୍ରତେକ ଅଧିକାରୀ ଓ କର୍ମଚାରୀଙ୍କୁ ବନ୍ଧୁକ ପ୍ରଶିକ୍ଷଣ ଦିଆଯିବ । ସେହିପରି ଅଦାଲତି ମାମଲା ଗୁଡିକର ସୁପରିଚାଳନା ପାଇଁ ଜିଲ୍ଲା ଠାରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ସରକାରୀ ଓକିଲ ନିଯୁକ୍ତ କରିବା ଲାଗି ତାଙ୍କ ବିଭାଗ ନିଷ୍ପତ୍ତି ନେଇ ସାରିଛି ବୋଲି କଟକରେ ଆୟୋଜିତ ସମୀକ୍ଷା ବୈଠକରେ କହିଛନ୍ତି ରାଜସ୍ୱ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜ୍ୟରେ ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେଲେ ଅବକାରୀ ବିଭାଗ ଆହୁରି ସଶକ୍ତ ହେବା ଆବଶ୍ୟକ। ତେଣୁ ବିଭାଗର ପ୍ରତି ଅଧିକାରୀ ଏବଂ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ପାଇଁ ପ୍ରଶିକ୍ଷଣ ଦିଆଯିବ। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଟକ ଅବକାରୀ ଆୟୁକ୍ତ କାର୍ଯ୍ୟାଳୟରେ ବିଭାଗର ତ୍ରୈମାସିକ ସମୀକ୍ଷା କରିଛନ୍ତି। ଗତ ୧ ବର୍ଷ ଭିତରେ ରାଜ୍ୟ ବ୍ୟାପି ବ୍ୟାପକ ଚଢ଼ଉ କରାଯାଇଛି । ପରିଣାମ ସ୍ୱରୂପ ଅବକାରୀ ବିଭାଗର ରାଜସ୍ୱ ପ୍ରାୟ ୨୦ ପ୍ରତିଶତ ବଢ଼ିଛି। ଯେହେତୁ ଅବକାରୀ ଧରପଗଡ଼ ଅଧିକ କରାଯାଉଛି, ସେହି ଅନୁସାରେ ଅନେକ ଅଘଟଣ ମଧ୍ୟ ଘଟୁଛି। ତେଣୁ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସବୁ ପ୍ରକାରର ପରିସ୍ଥିତିର ମୁକାବିଲା କରିବା ଲାଗି ପ୍ରସ୍ତୁତ କରାଯାଉଥିବା କହିଛନ୍ତି ମନ୍ତ୍ରୀ। କେବଳ ଦେଶୀ କିମ୍ବା ବିଦେଶୀ ମଦର ଚୋରା କାରବାର ହେଉନାହିଁ, ବରଂ ମଦର ବିକଳ୍ପ ଆକାରରେ ଏବେ ବ୍ୟାପକ କଫ ସିରପ ବିକ୍ରୀ ହେଉଛି। ତା' ଉପରେ ନଜର ରଖିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଅଦାଲତରେ ଅବକାରୀ ମାମଲା ଗୁଡିକର ସୁପରିଚାଳନା ପାଇଁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ପିପି ନିଯୁକ୍ତ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି, ତଦ୍ ବ୍ୟତୀତ ହାଇକୋର୍ଟରେ ମଧ୍ୟ ମାମଲା ପରିଚାଳନା ପାଇଁ ସ୍ୱତନ୍ତ୍ର ଓକିଲ ନିଯୁକ୍ତ କରିବା ଲାଗି ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଥିବା କହିଛନ୍ତି ଅବକାରୀ ମନ୍ତ୍ରୀ। ପୂର୍ବତନ ଅବକାରୀ କମିଶନର ନରସିଂହ ଭୋଳଙ୍କ ବଦଳି ହେବା ପରେ କେହି ସ୍ଥାୟୀ ଅଧିକାରୀ ନିଯୁକ୍ତ ହୋଇନାହାଁନ୍ତି। ଯାହା ଉପରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ମାଲ୍‌ବାହୀ ଟ୍ରେନର ୧୦ରୁ ଅଧିକ ବଗି ଲାଇନଚ୍ୟୁତ



**ବୀରମିତ୍ରପୁର,୧୨/୦୭ ନ୍ୟୁଜ ବ୍ୟୁରୋ**
ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଦୈନିକ ବଜାର ନିକଟରେ ଲାଇନଚ୍ୟୁତ ହେଲା ମାଲ୍ ବୋଝେଇ ଟ୍ରେନ। ଟ୍ରାକରୁ ଖସିଲା ୧୦ରୁ ଅଧିକ ବଗି। ଏହି ଟ୍ରେନ୍‌ରେ ସମୁଦାୟ ୫୯ଟି ବଗି ରହିଥିବା ବେଳେ ପ୍ରାୟ ୧୦ରୁ ଅଧିକ ବଗି ଟ୍ରାକ୍‌ରୁ ବାହାରି ଯାଇଥିବା ଜଣାପଡ଼ିଛି। ମାଲଗାଡିଟି ବିଶ୍ରା ଷ୍ଟୋନ୍ ଲାଇମ୍ କମ୍ପାନୀ ଲିମିଟେଡର ଚୂନ ଭଟ୍ଟା ସାଇଡିଙ୍ଗରୁ ଚୂନ ପଥର ନେଇ ଦୁର୍ଗାପୁରକୁ ଯାଉଥିବା ବେଳେ ବୀରମିତ୍ରପୁର ଡେଲି ମାର୍କେଟ ନିକଟରେ ଘଟିଛି ଏହି ଘଟଣା । ରେଳବାଇ ଅଧିକାରୀ, ବିଏସଏଲ କମ୍ପାନୀ ଅଧିକାରୀ, ବୀରମିତ୍ରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ଦୁର୍ଘଟଣା କେଉଁ କାରଣରୁ ଘଟିଲା ତାହାର ଖୋଳତାଡ ଆରମ୍ଭ କରିଛନ୍ତି ରେଳ ଅଧିକାରୀ।

## ଭାରତର ନ୍ୟାୟିକ ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି : ସିଜେଆଇ

**ହାଇଦ୍ରାବାଦ, ୧୨/୭**
'ଭାରତର ନ୍ୟାୟିକ ବ୍ୟବସ୍ଥା ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଏଥିରେ ସୁଧାର ଆଣିବାର ବହୁତ ଆବଶ୍ୟକତା ରହିଛି' ବୋଲି କହିଛନ୍ତି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର. ଗଭାଇ। ଶନିବାର ହାଇଦ୍ରାବାଦର ଜଷ୍ଟିସ୍ ସିଟିରେ ଥିବା ନାଲସାର ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସମ୍ବୋଧନ କରୁଥିବା ସମୟରେ ଜଷ୍ଟିସ୍ ଗଭାଇ ଛାତ୍ରମାନଙ୍କୁ ପରିବାର ଉପରେ ଆର୍ଥିକ ଚାପ ନପକାଇ ଛାତ୍ରବୃତ୍ତି ନେଇ ବିଦେଶ ଯିବାକୁ ପରାମର୍ଶ ଦେଇଥିଲେ। ସିଜେଆଇ ଗଭାଇ



କହିଛନ୍ତି ଯେ, ମୁଁ ନିଷ୍କର୍ଷ ପହଞ୍ଚିଛି ଯେ ଆମର ନ୍ୟାୟିକ ବ୍ୟବସ୍ଥାରେ ସୁଧାର କରିବାର ବହୁତ ଆବଶ୍ୟକତା ରହିଛି, ତଥାପି ମୁଁ ପୁରା ଆଶାବାଦୀ ଯେ ମୋ ସହ ନାଗରିକମାନେ ଏହି ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେବେ। ଆମ ଦେଶ ଏବଂ ନ୍ୟାୟିକ ବ୍ୟବସ୍ଥା ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ବିଚାରରେ ବିଳମ୍ବ କେତେବେଳେ ଦଶନ୍ଧି ଦଶନ୍ଧି ଧରି ଚାଲୁଛି । ଆମେ ଏପରି ମାମଲା ଦେଖିଛୁ ଯେଉଁଠାରେ ଜଣେ ବ୍ୟକ୍ତି ବର୍ଷ ବର୍ଷ ଧରି ବିଚାରାଧୀନ ଭାବରେ ଜେଲରେ ରହିବା ପରେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇଛି। ଆମର ସର୍ବଶ୍ରେଷ୍ଠ ପ୍ରତିଭା ଆମକୁ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିପାରିବ । କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକମାନଙ୍କୁ ପରାମର୍ଶ ଦେଇ ସିଜେଆଇ ଗଭାଇ କହିଥିଲେ ଯେ ସେମାନେ ଗୁରୁମାନଙ୍କୁ ସେମାନଙ୍କର କ୍ଷମତା ପାଇଁ ନୁହେଁ, ବରଂ ସଚ୍ଚୋଟତା ପାଇଁ ଚିହ୍ନନ୍ତୁ । ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଏବଂ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ପି.ଏସ. ନରସିଂହ ମଧ୍ୟ ସମାବର୍ତ୍ତନରେ ଅଂଶଗ୍ରହଣ କରିଥିଲେ। ତେଲେଙ୍ଗାନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁଜୋୟ ପାଉଲ ସମାବର୍ତ୍ତନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମେ' ୧୪ ତାରିଖରେ ଭାରତର ୫୨ ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଥିଲେ ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ । ପୂର୍ବତନ ସିଜେଆଇ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ପରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ହୋଇଛନ୍ତି ଜଷ୍ଟିସ ଗଭାଇ।

## ମେଘାଳୟର ବର୍ନିହାଟ ଭାରତର ସବୁଠାରୁ ପ୍ରଦୂଷିତ ସହର : ଦ୍ୱିତୀୟ ସ୍ଥାନରେ ଦିଲ୍ଲୀ

**ନୂଆଦିଲ୍ଲୀ,୧୨/୦୭**
୨୦୨୫ର ପ୍ରଥମାର୍ଦ୍ଧରେ ଭାରତର ସବୁଠାରୁ ପ୍ରଦୂଷିତ ସହର ଆସାମ-ମେଘାଳୟ ସୀମାରେ ଅବସ୍ଥିତ ବର୍ନିହାଟ ଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଦିଲ୍ଲୀ। ଇଣ୍ଡିପେଣ୍ଡେଣ୍ଟ ରିସର୍ଚ୍ଚ ଅରଗାନାଇଜେସନ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ)ର ଏକ ବିଶ୍ଳେଷଣ ଅନୁଯାୟୀ, ବର୍ନିହାଟରେ ପ୍ରତି ଘନ ମିଟରରେ ପିଏମ ୨.୫ର ହାରାହାରି ସାନ୍ଦ୍ରତା ୧୩୩ ମାଇକ୍ରୋଗ୍ରାମ ରେକର୍ଡ କରାଯାଇଛି। ସେହିପରି ଦିଲ୍ଲୀର ପିଏମ ୨.୫ ସ୍ତର ପ୍ରତି ଘନ ମିଟରରେ ୮୭ ମାଇକ୍ରୋଗ୍ରାମରେ ପହଞ୍ଚିଛି। ଯାହା



ଜାତୀୟ ପରିବେଶ ବାୟୁ ଗୁଣବତ୍ତା ମାନଦଣ୍ଡର ଦୁଇଗୁଣ ପହଞ୍ଚିଛି। ହାଜିପୁର, ସାସରାମ, ରାଜଗିର (ବିହାର), ଗାଜିଆବାଦ (ଉତ୍ତରପ୍ରଦେଶ), ଗୁରୁଗ୍ରାମ (ହରିୟାଣା), ପାଟନା ଏବଂ ତାଳଚେର, ରାଉରକେଲା (ଓଡ଼ିଶା) ଆଦି ୧୦ଟି ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇଛି।
ସେହିପରି ବର୍ଷର ପ୍ରଥମାର୍ଦ୍ଧରେ ମିଜୋରାମର ଆଇଜଲ ଦେଶର ସବୁଠାରୁ ସଫା ସହର ଥିଲା। ସିଆର୍‌ଇଏ ଅନୁଯାୟୀ, ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ, ସିଏକ୍ୟୁଏମ୍‌ଏସ୍ ଥିବା ୨୯୩ ସହର ମଧ୍ୟରୁ ୨୩୯ଟି ସହରରେ ୮୦ ପ୍ରତିଶତରୁ ଅଧିକ ଦିନ ପାଇଁ ଅଣୁବୀକ୍ଷଣ କଣିକା ଉପରେ ତଥ୍ୟ ଉପଲବ୍ଧ ଥିଲା। ସେହି ସମୟରେ, ୨୩୯ ସହର ମଧ୍ୟରୁ ୧୨୨ଟିରେ ବାୟୁ ଗୁଣବତ୍ତା ବାର୍ଷିକ ଜାତୀୟ ଆମ୍ବିଏଣ୍ଟ ଏୟାର ଗୁଣବତ୍ତା ମାନକ ପ୍ରତି ଘନ ମିଟର ୪୦ ମାଇକ୍ରୋଗ୍ରାମ ଉପରେ ଥିଲା, ଯେତେବେଳେ ୧୧୭ଟି ସହର ବାର୍ଷିକ ସୀମା ତଳେ ରହିଥିଲା। ଦିଲ୍ଲୀ-ଏନସିଆରରେ ବାୟୁ ଗୁଣବତ୍ତା ସଙ୍କଟ କେବଳ ଯାନବାହନ ନିର୍ଗମନ କିମ୍ବା ଋତୁକାଳୀନ ବାୟୋମାସ ପୋଡ଼ିବା ଯୋଗୁଁ ନୁହେଁ, ବରଂ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଉତ୍ସରୁ ନିରନ୍ତର ନିର୍ଗମନ ଯୋଗୁଁ ମଧ୍ୟ ହେଉଛି। ୨୦୨୫ ମଧ୍ୟଭାଗ ସୁଦ୍ଧା, ଜାତୀୟ ରାଜଧାନୀ ଦିଲ୍ଲୀରୁ ୩୦୦ କିଲୋମିଟର ଦୂରରେ ଅବସ୍ଥିତ ୧୧ଟି ପ୍ଲାଣ୍ଟ ମଧ୍ୟରୁ କେବଳ ଦୁଇଟି - ଏନ୍‌ଟିପିସି ଦାଦ୍ରି ଏବଂ ମହାତ୍ମା ଗାନ୍ଧୀ ଥର୍ମାଲ୍ ପାୱାର ପ୍ଲାଣ୍ଟ - କାର୍ଯ୍ୟକ୍ଷମ ଅବସ୍ଥାରେ ଏଫ୍‌ଜିଡି ଥିଲା।

### କଞ୍ଜାମଯୋଡି ଗ୍ରାମରେ କଙ୍ଗାରୁକୋର୍ଟ ଘଟଣା

## ରାୟଗଡ଼ା ଉପଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ରାୟଗଡ଼ା, ୧୨/୦୭ ନ୍ୟୁଜ ବ୍ୟୁରୋ**
ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କଞ୍ଜାମଯୋଡି ଗାଁରେ କଙ୍ଗାରୁକୋର୍ଟ ଘଟିଛି। ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ନିନ୍ଦା କରିବା ସହ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାୟଗଡା ଉପଜିଲ୍ଲାପାଳ । ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ହେବ। ଏହି ଟିମ୍‌ରେ କଲ୍ୟାଣସିଂହପୁର ବିଡିଓ, ତହସିଲଦାର, ସିଡିପିଓ ଓ ସମାଜ ମଙ୍ଗଳ ଅଧିକାରୀ କଞ୍ଜାମଯୋଡି ଗାଁକୁ ଯାଇ ତଦନ୍ତ କରିବେ । ତଦନ୍ତ ପରେ ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାୟଗଡା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପିଉସୀ ଓ ପୁତୁରାଙ୍କ ମଧ୍ୟରେ ପ୍ରେମ ସଂପର୍କକୁ ବିରୋଧ କରି ଗତ ୯ ତାରିଖ ଦିନ କଞ୍ଜାମଯୋଡି ଗ୍ରାମବାସୀ ପ୍ରେମୀ ଯୁଗଳକୁ ଅକଥନୀୟ ନିର୍ଯାତନା ଦେବା ସହ ବେକରେ ଲଙ୍ଗଳ ଲଗାଇ ଜମିରେ ଚାଷ କରିଥିଲେ। ଯାହା ମାନବଅଧିକାରକୁ କ୍ଷୁର୍ଣ୍ଣ କରିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ଉକ୍ତ ଗ୍ରାମର ଲୋକେ ଅତି ସାଧାରଣ ଭାବେ ଗ୍ରହଣ କରିଥିବା ବେଳେ ଏହା ଆମ ଆଦିବାସୀ ପରମ୍ପରା ବୋଲି ପ୍ରକାଶ କରିଥିଲେ। ଏଥିସହ ଏମିତି ହଳ ବୁଲାଇଲେ ଗାଁରେ କେବେ ବିପତ୍ତି ନଆସିବା ସହ ଭଲ ଫସଲ ହେବ ବୋଲି ମତ ଦେଇଥିଲେ। ତେବେ ଏହି ଘଟଣା ବିଷୟରେ ଖବର ପ୍ରକାଶ ହେବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରବିବାର ଏହି ତଦନ୍ତକାରୀ ଟିମ୍ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରିବେ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି ।